# ECHO OF HIS CALL

## ଯୀଶୁ ଖ୍ରୀଷ୍ଟଙ୍କର ଆହ୍ୱାନର ପ୍ରତିଧ୍ୱନି ODIA

ECHO OF HIS CALL 1969-2019 GOLDEN JUBILEE

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIA, ASSAMESE, PUNJABI, NEPALI, URDU, SINHALA & AFRIKAANS

Editor : S. SAM SELVA RAJ | 16 Languages | Associate Editor : Sis. Surama Samuel

Vol. XXII | YEAR OF OUR LORD JESUS CHRIST, 2020 DECEMBER | No. 11

## ପବିତ୍ର ବାଇବଲ

**(ଦୟାକରି ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)**

**ସଦାପ୍ରଭୁଙ୍କର ପ୍ରଶଂସା କର ।**

**(ଯିଶାଇୟ ୯:୧–୭)**

୧ ମାତ୍ର ପୂର୍ବେ (ଯେଉଁ ଦେଶ) ବେଦନାଗ୍ରସ୍ତ ଥିଲା, ତାହା ତିମିରାବୃତ ହୋଇ ରହିବ ନାହିଁ । ପୂର୍ବ କାଳରେ ସେ ସବୂଲୂନ୍ ଦେଶ ଓ ନପ୍ତାଲି ଦେଶକୁ ତୁଚ୍ଛନୀୟ କରିଥିଲେ, ମାତ୍ର ଶେଷ କାଳରେ ସେ ତାହାକୁ ସମୁଦ୍ର ପଥର ନିକଟବର୍ତ୍ତୀ, ଯର୍ଦ୍ଦନର ସେପାରିସ୍ଥ, ଗୋଷ୍ଠୀଗଣର ଗାଲିଲୀକୁ ସମ୍ଭ୍ରାନ୍ତ କରିବେ ।

୨ ଯେଉଁ ଗୋଷ୍ଠୀ ଅନ୍ଧକାରରେ ଭ୍ରମଣ କଲେ, ସେମାନେ ମହାଆଲୁଅ ଦେଖିଅଛନ୍ତି; ଯେଉଁମାନେ ମୃତ୍ୟୁଚ୍ଛାୟାରୂପ ଦେଶରେ ବାସ କଲେ, ସେମାନଙ୍କ ଉପରେ ଦୀପ୍ତି ଉଦିତ ହୋଇଅଛି ।

୩ ତୁମ୍ଭେ ସେହି ଦେଶୀୟ ଲୋକଙ୍କୁ ବହୁସଂଖ୍ୟକ କରି ସେମାନଙ୍କର ଆନନ୍ଦ ବୃଦ୍ଧି କରିଅଛ; ସେମାନେ ଶସ୍ୟ ଛେଦନର ଆନନ୍ଦ ପ୍ରାୟ ଆନନ୍ଦ କରନ୍ତି, ଲୁଟ ବିଭାଗ କରିବା ସମୟର ତୁଲ୍ୟ ଉଲ୍ଲାସିତ ହୁଅନ୍ତି,

୪ କାରଣ ମିଦୀୟନର ଦିନରେ ଯେପରି, ସେପରି ତୁମ୍ଭେ ତାହାର ଭାର ସ୍ୱରୂପ ଯୁଆଳି ଓ ତାହାର ସ୍କନ୍ଧସ୍ଥିତ ବାହୁଙ୍ଗି, ତାହାର ଉପଦ୍ରବକାରୀର ଦଣ୍ଡ ଭାଙ୍ଗି ପକାଇଅଛ ।

୫ ଏହେତୁ କଳହରେ ସଜ୍ଜିତ ଲୋକର ସମସ୍ତ ଅସ୍ତ୍ରଶସ୍ତ୍ର ଓ ରକ୍ତରେ ଜଡ଼ିତ ବସ୍ତ୍ରସବୁ ଜ୍ୱଳନୀୟ ଦ୍ରବ୍ୟ, ଅଗ୍ନି ପାଇଁ କାଷ୍ଠ ସ୍ୱରୂପ ହେବ ।

୬ କାରଣ ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମିଅଛନ୍ତି, ଆମ୍ଭମାନଙ୍କୁ ଏକ ପୁତ୍ର ଦତ୍ତ ହୋଇଅଛନ୍ତି ଓ ତାହାଙ୍କ ସ୍କନ୍ଧରେ କର୍ତ୍ତୃତ୍ୱଭାର ଥୁଆଯିବ; ପୁଣି, ତାହାଙ୍କର ନାମ ଆଶ୍ଚର୍ଯ୍ୟ, ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଅନନ୍ତକାଳୀନ ପିତା, ଶାନ୍ତିରାଜା ହେବ ।

୭ ତାହାଙ୍କ କର୍ତ୍ତୃତ୍ୱବୃଦ୍ଧି ଓ ଶାନ୍ତିର ସୀମା ରହିବ ନାହିଁ, ସେ ଦାଉଦଙ୍କର ସିଂହାସନରେ ଓ ତାହାଙ୍କର ରାଜ୍ୟରେ ଉପବିଷ୍ଟ ହୋଇ ନ୍ୟାୟବିଚାର ଓ ଧାର୍ମିକତାରେ ଏ କ୍ଷଣଠାରୁ ଅନନ୍ତ କାଳ ପର୍ଯ୍ୟନ୍ତ ତାହା ସୁସ୍ଥିର ଓ ସୁଦୃଢ଼ କରିବେ । ସୈନ୍ୟାଧିପତି ସଦାପ୍ରଭୁଙ୍କ ଉଦ୍‌ଯୋଗ ଏହା ସାଧନ କରିବ ।

# ଈଶ୍ୱରଙ୍କର ପ୍ରତ୍ୟାଦେଶ !

## (REVELATION OF GOD !)

**(ମୁଖ୍ୟ ଉପାସନାଳୟରେ ପାଳକ ଏସ୍ ସାମ୍ ସେଲ୍‌ଭାରାଜ୍‌ଙ୍କ ବାର୍ତ୍ତା)**

''ଆହୁରି ସଦାପ୍ରଭୁ ଶୀଲୋରେ ପୁନର୍ବାର ଦର୍ଶନ ଦେଲେ, କାରଣ ସଦାପ୍ରଭୁ ଶୀଲୋରେ ଶାମୁୟେଲଙ୍କ ନିକଟରେ ସଦାପ୍ରଭୁଙ୍କ ବାକ୍ୟ ଦ୍ୱାରା ଆପଣାକୁ ପ୍ରକାଶ କଲେ । ଆଉ ଶାମୁୟେଲଙ୍କ କଥା ସମସ୍ତ ଇସ୍ରାଏଲ ମଧ୍ୟରେ ପ୍ରଚଳିତ ହେଲା...'' (୧ ଶାମୁୟେଲ ୩:୨୧, ୪:୧) ।

ଈଶ୍ୱରଙ୍କ ବାକ୍ୟ ଏଲୀଯାଜକଙ୍କ ସମୟରେ ଅତି ବିରଳ ଥିଲା । ସେ ଶୀଲୋସ୍ଥିତ ଈଶ୍ୱରଙ୍କ ମନ୍ଦିରରେ ସେବାକାର୍ଯ୍ୟ କରୁଥିଲେ ଓ ବାଳକ ଶାମୁୟେଲ ତାଙ୍କର ସାହାଯ୍ୟକାରୀ ଥିଲେ । ଶାମୁୟେଲ ବାଳକ ଥିବା ସମୟରେ ସୁଦ୍ଧା ସଦାପ୍ରଭୁ ତାଙ୍କ ସହିତ କଥାବାର୍ତ୍ତା କରି ତାଙ୍କୁ ଡାକିଥିଲେ, ''ଶାମୁୟେଲ, ଶାମୁୟେଲ'' (୧ ଶାମୁୟେଲ ୩:୧୦) ଓ ସେ ଏହିପରି ତିନିଥର ତାଙ୍କୁ ଡାକିଥିଲେ, ତୃତୀୟଥର ଏଲୀଙ୍କ ନିର୍ଦ୍ଦେଶାନୁସାରେ ଶାମୁୟେଲ ଉତ୍ତର ଦେଇ କହିଥିଲେ, ''କୁହନ୍ତୁ, ଆପଣଙ୍କ ଦାସ ଶୁଣୁଅଛି'' (୧ ଶାମୁୟେଲ ୩:୧୦) । ସଦାପ୍ରଭୁ କହିଥିଲେ, ''ଏଲୀ ବଂଶର ଅପରାଧ ବଳିଦାନ କି ନୈବେଦ୍ୟ ଦ୍ୱାରା ସଦାକାଳ ପରିଷ୍କୃତ ନୋହିବ ବୋଲି ଏଲୀ ବଂଶ ବିଷୟରେ ଆମ୍ଭେ ଶପଥ କରିଅଛୁ ।'' ସଦାପ୍ରଭୁ ଯାହା କହିଥିଲେ, ତାହା ଶାମୁୟେଲ ଏଲୀଙ୍କୁ ଜଣାଇଥିଲେ । ଏହାପରେ ଏଲୀ କହିଥିଲେ, ''ସେ ତ ସଦାପ୍ରଭୁ, ଯାହା ତାହାଙ୍କ ଦୃଷ୍ଟିରେ ଭଲ, ତାହା ସେ କରନ୍ତୁ'' (୧ ଶାମୁୟେଲ ୩:୧୮) ।

ଆମର ଭୀତିପ୍ରଦ ଈଶ୍ୱର ଗୋଟିଏ ଜ୍ୱଳନ୍ତ ବୁଦାର ଅଗ୍ନିଶିଖା ମଧ୍ୟରେ ମୋଶାଙ୍କୁ ଦେଖା ଦେଇଥିଲେ (ଯାତ୍ରା ୩:୧,୨) । ପୁନରୁତ୍ଥିତ ଖ୍ରୀଷ୍ଟ ମଗ୍‌ଦଲିନୀ ମରିୟମଙ୍କୁ ଦେଖା ଦେଇଥିଲେ ଓ ତାଙ୍କୁ କହିଥିଲେ, ''ହେ ନାରୀ, କାହିଁକି ରୋଦନ କରୁଅଛ ?'' ସେ କହିଥିଲେ, ''କାରଣ ସେମାନେ ମୋ' ପ୍ରଭୁଙ୍କୁ ନେଇ ଯାଇଛନ୍ତି ଓ ତାଙ୍କୁ କେଉଁଠାରେ ରଖିଛନ୍ତି, ତାହା ମୁଁ ଜାଣେ ନାହିଁ'' (ଯୋହନ ୨୦:୧୨,୧୩) । ଯୀଶୁ ଖ୍ରୀଷ୍ଟ ପାମ୍ ଦ୍ୱୀପରେ ନିର୍ବାସିତ ପ୍ରେରିତ ଯୋହନଙ୍କୁ ଦର୍ଶନ ଦେଇଥିଲେ ଓ ତାଙ୍କୁ କହିଥିଲେ, ''ଆମ୍ଭେ କ ଓ କ୍ଷ, ଆଦି ଓ ଅନ୍ତ'' ଓ ''ତୁମ୍ଭେ ଯାହା ଦର୍ଶନ କରୁଅଛ, ତାହା ଗୋଟିଏ ପୁସ୍ତକରେ ଲିପିବଦ୍ଧ କରି ସପ୍ତ ମଣ୍ଡଳୀ, ଅର୍ଥାତ୍ ଏଫିସ, ସ୍ମୁର୍ଣ୍ଣା, ପର୍ଗମ, ଥୂୟତୀରା, ସାର୍ଦ୍ଦୀ, ଫିଲାଦେଲଫିଆ ଓ ଲାଅଦିକୀଆ ନିକଟକୁ ପ୍ରେରଣ କର'' (ପ୍ରକାଶିତ ୧:୧୧) । ସେହି ପ୍ରଭୁ ମୋତେ ୧୯୬୧ରେ କନ୍ୟାକୁମାରୀ ସ୍ଥିତ ମୋ' ନିଜସ୍ୱ ଗ୍ରାମରେ, ଦର୍ଶନ ଦେଇଥିଲେ । ଦର୍ଶନ କିମ୍ବା ପ୍ରତ୍ୟାଦେଶକୁ ତିନି ଭାଗରେ ବିଭକ୍ତ କରାଯାଇପାରିବ (୧) ଈଶ୍ୱରଙ୍କ ପ୍ରତ୍ୟାଦେଶ, (୨) ଈଶ୍ୱରଙ୍କଠାରୁ ପ୍ରତ୍ୟାଦେଶ ଓ (୩) ଈଶ୍ୱରଙ୍କ ବିଷୟରେ ପ୍ରଦ୍ୟାଦେଶ ।

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

*Touching Lives by Teaching.....Since 1969.*

## ଆମର ମିଶନ ନିୟମ

**ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷାକୁ ସମସାମୟିକ ଯୁଗ ନିକଟରେ ବ୍ୟାଖ୍ୟା କରୁ ଓ ଶିକ୍ଷା ଦେଉ ।**

PUBLISHED MONTHLY IN - ENGLISH, TAMIL, MALAYALAM, TELUGU, HINDI , MARATHI, KANNADA, BENGALI, GUJARATI, ODIYA, NEPALI, ASSAMESE, PUNJABI, URDU, SINHALA & AFRIKAANS






**‘‘...ଆମ୍ଭେ ସେମାନଙ୍କ ଶୋକକୁ ଆନନ୍ଦରେ ପରିଣତ କରିବା, ଆମ୍ଭେ ସେମାନଙ୍କୁ ସାନ୍ତ୍ୱନା କରିବା ଓ ସେମାନଙ୍କ ଦୁଃଖରୁ ସେମାନଙ୍କୁ ଆନନ୍ଦିତ କରିବା’’ (ଯିରିମିୟ ୩୧:୧୩) ।**

## *ପ୍ରଭୁରେ ପ୍ରିୟ ଭାଇ ଓ ଭଉଣୀମାନେ,*

ଆମେ ଆର ସର୍ବାଧିକ ଉଚ୍ଚୀକୃତ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆପଣମାନଙ୍କୁ ଅଭିନନ୍ଦନ ଜଣାଉଅଛୁ । ଯୀଶୁଖ୍ରୀଷ୍ଟ ନାମ ସବୁ ନାମର ଉର୍ଦ୍ଧ୍ୱରେ ଅଛି । ଆମେ ତାଙ୍କୁ, କେବଳ ତାଙ୍କୁ ସମସ୍ତ ଗୌରବ ଓ ସମ୍ମାନ ଦେଉ ।

ପ୍ରଭୁ ଯୀଶୁ ଖ୍ରୀଷ୍ଟ ନିଜ ଅନୁଗ୍ରହରେ ୨୦୨୦ର ଶେଷ ପର୍ଯ୍ୟନ୍ତ ଆମକୁ କଢ଼ାଇ ଆଣିଥିବାରୁ ଆମେ ଅତି କୃତଜ୍ଞ ଅଟୁ । ଏହି ବର୍ଷର ଆରମ୍ଭରେ ଆମେ ଭାବିଥିଲୁ ଯେ ଏହା ପୃଥିବୀର ସମସ୍ତ ମନୁଷ୍ୟଙ୍କ ଜୀବନରେ ମହା ଆଶୀର୍ବାଦ ଓ ଶାନ୍ତି ଆଣିବ । ମାତ୍ର ଆଜି ଅନେକ ନକାରାତ୍ମକ ଘଟଣାମାନ ଘଟୁଅଛି ।

ଏହାର ନିଶ୍ଚୟ ଏକ କାରଣ ଅଛି, ଆଜି ଯେଉଁସବୁ ଘଟଣା ଘଟୁଅଛି, ସେଗୁଡ଼ିକ ଈଶ୍ୱରଙ୍କର ଅଜ୍ଞାତ ନୁହେଁ । କୋଭିଡ-୧୯ ସମଗ୍ର ପୃଥିବୀସ୍ଥ ଲୋକମାନଙ୍କ ଜୀବନରେ ଆତଙ୍କ ସୃଷ୍ଟି କରିଛି । ଆମେ ଆମର ଅନେକ ବନ୍ଧୁଙ୍କୁ ହରାଇ ଦେଇଛୁ । ଆମେ ଏ ବିଷୟରେ ଅତି ଦୁଃଖିତ ଅଟୁ । ଆମୋଷଙ୍କ ପୁତ୍ର ଯିଶାଇୟ, ଉଷିୟ, ଯୋଥମ, ଆହସ ଓ ହିଜିକିୟଙ୍କ ସମୟରେ ଯିହୁଦା ଓ ଯିରୂଶାଲମ ବିଷୟରେ ଗୋଟିଏ ଦର୍ଶନ ପାଇଥିଲେ । ସଦାପ୍ରଭୁ କହିଥିଲେ, ‘‘ହେ ଆକାଶମଣ୍ଡଳ, ଶୁଣ, ହେ ପୃଥିବୀ, କର୍ଣ୍ଣପାତ କର, କାରଣ ସଦାପ୍ରଭୁ କହିଅଛନ୍ତି, ଆମ୍ଭେ ସନ୍ତାନଗଣକୁ ପ୍ରତିପାଳନ ଓ ଭରଣପୋଷଣ କରିଅଛୁ, ମାତ୍ର ସେମାନେ ଆମ୍ଭର ବିଦ୍ରୋହାଚରଣ କରିଅଛନ୍ତି । ଗୋରୁ ଆପଣା ଖାଉନ୍ଦକୁ ଓ ଗର୍ଦ୍ଦଭ ଆପଣା କର୍ତ୍ତାର କୁଣ୍ଡକୁ ଚିହ୍ନେ, ମାତ୍ର ଇସ୍ରାଏଲ ଜାଣେ ନାହିଁ, ଆମ୍ଭର ଲୋକମାନେ ବିବେଚନା କରନ୍ତି ନାହିଁ । ଆହା ପାପୀଷ୍ଠ ଗୋଷ୍ଠୀ, ଅଧର୍ମରେ ଭାରଗ୍ରସ୍ତ ଲୋକେ, ଦୁଷ୍କର୍ମକାରୀମାନଙ୍କ ବଂଶ, ଭ୍ରଷ୍ଟାଚାରୀ ସନ୍ତାନଗଣ, ସେମାନେ ସଦାପ୍ରଭୁଙ୍କୁ ପରିତ୍ୟାଗ କରିଅଛନ୍ତି, ସେମାନେ ଇସ୍ରାଏଲର ଧର୍ମସ୍ୱରୂପଙ୍କୁ ଅବଜ୍ଞା କରିଅଛନ୍ତି, ସେମାନେ ବିମୁଖ ହୋଇ ପଛକୁ ଚାଲିଯାଇଅଛନ୍ତି ।

‘‘ତୁମ୍ଭେମାନେ ଅଧିକ ଅଧିକ ବିଦ୍ରୋହାଚରଣ କରିବା ପାଇଁ କାହିଁକି ଆହୁରି ପ୍ରହାରିତ ହେବ ? ମସ୍ତକଯାକ ପୀଡ଼ିତ ଓ ସମୁଦାୟ ହୃଦୟ ଦୁର୍ବଳ ହୋଇଅଛି । ପାଦର ତଳଠାରୁ ମସ୍ତକ ପର୍ଯ୍ୟନ୍ତ କିଛି ସ୍ୱାସ୍ଥ୍ୟ ନାହିଁ, କେବଳ କ୍ଷତ ଓ ଦାଗ ଓ ପୂଜ ପୂର୍ଣ୍ଣ ଘା’, ସେ ସବୁ ଟିପା କି ବନ୍ଧା ଯାଇ ନାହିଁ, କିଅବା ତୈଳ ଦ୍ୱାରା କୋମଳ କରାଯାଇ ନାହିଁ । ତୁମ୍ଭମାନଙ୍କର ଦେଶ ଧ୍ୱଂସ ସ୍ଥାନ, ତୁମ୍ଭମାନଙ୍କର ନଗର ସବୁ ଅଗ୍ନିରେ ଦଗ୍ଧ, ତୁମ୍ଭମାନଙ୍କର ଭୂମି ବିଦେଶୀମାନେ ତୁମ୍ଭମାନଙ୍କର ସାକ୍ଷାତ୍‌ରେ ଗ୍ରାସ କରନ୍ତି, ତାହା ବିଦେଶୀମାନଙ୍କ ଦ୍ୱାରା ବିନଷ୍ଟ ହେବା ତୁଲ୍ୟ ଧ୍ୱଂସ ସ୍ଥାନ ହୋଇଅଛି । ପୁଣି, ସିୟୋନର କନ୍ୟା ଦ୍ରାକ୍ଷାକ୍ଷେତ୍ରର କୁଟୀର, କାକୁଡ଼ିକ୍ଷେତ୍ରର ବସା, ଅବରୁଦ୍ଧ ନଗର ତୁଲ୍ୟ ହୋଇଅଛି ।

‘‘ସୈନ୍ୟାଧିପତି ସଦାପ୍ରଭୁ ଆମ୍ଭମାନଙ୍କ ପାଇଁ ଅତି ଅଳ୍ପ ଲୋକ ଅବଶିଷ୍ଟ ରଖି ନ ଥିଲେ, ଆମ୍ଭେମାନେ ସଦୋମର ତୁଲ୍ୟ ହୋଇଥାନ୍ତୁ, ଆମ୍ଭେମାନେ ହମୋରାର ତୁଲ୍ୟ ହୋଇଥାନ୍ତୁ । ହେ ସଦୋମର ଶାସନକର୍ତ୍ତାମାନେ, ସଦାପ୍ରଭୁଙ୍କର ବାକ୍ୟ ଶୁଣ, ହେ ହମୋରାର ଲୋକମାନେ, ତୁମ୍ଭେମାନେ ଆମ୍ଭମାନଙ୍କ ପରମେଶ୍ୱରଙ୍କ ବ୍ୟବସ୍ଥାରେ କର୍ଣ୍ଣପାତ କର । ସଦାପ୍ରଭୁ କହନ୍ତି, ଆମ୍ଭ ଉଦ୍ଦେଶ୍ୟରେ ତୁମ୍ଭମାନଙ୍କ ଅପାର ବଳିଦାନର ଅଭିପ୍ରାୟ କ’ଣ ? ଆମ୍ଭେ ମେଷଗଣର ହୋମବଳିରେ

**CHIEF EDITORS**
Pastor S. Sam Selva Raj
Angeline Selvakumari Henry, M.A., M.Ed.
**MANAGING EDITOR**
Pastor Alex Samson Sam, B.Th., M.Div.
**ADMINISTRATION**
Bro. N. Prakasam, M.A., General Manager
**EDITORIAL BOARD**
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M. Phil., B.Ed.
**Head Qrs. CO-ORDINATORS**
Bro. John Rodrigues
Sis. E. Daisy Rani
**ADVISORY BOARD**
Adv. Jose Abraham
Adv. N. Balaji, B.Com., B.L.
Dr. S. Rabinder Boaz, M.S.
Er. C.G.S. Baburao, B.Tech., M.Tech. (DM)
Aud. K. Puratchivendan, M.Com., B.L.
Bro. Rajeswaran Samuel, B.Com.
**PUBLISHER & PRINTER**
Pastor S. SAM SELVA RAJ
**Echo of His Call Printers**
10, Mohammed Abdullah 2nd Street,
Chepauk, Chennai- 600 005, India.
**Phone :** (+91-44) 2852 8282
2852 9293, 2854 7766
**Email :** sam@echoofhiscall.org
biblecor@yahoo.co.in
**Websites :**
www.echoofhiscall.org
www.echoofhiscall.com

**Our Ministries:** ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners Village English High School Crusades 100 Prayer Warriors Community Development

ଓ ପୁଷ୍ଟ ପଶୁଗଣର ମେଦରେ ପୂର୍ଣ୍ଣ ହୋଇଅଛୁ, ପୁଣି, ବୃଷ କି ମେଷ କି ଛାଗଳମାନଙ୍କ ରକ୍ତରେ ଆମ୍ଭର ତୁଷ୍ଟି ନାହିଁ । ତୁମ୍ଭେମାନେ ଆମ୍ଭ ସମ୍ମୁଖରେ ଉପସ୍ଥିତ ହେବା ବେଳେ ଆମ୍ଭର ପ୍ରାଙ୍ଗଣ ସକଳ ପଦ ତଳେ ଦଳିବା ପାଇଁ କିଏ ତୁମ୍ଭମାନଙ୍କଠାରୁ ଚାହିଁଅଛି ? ଅସାର ନୈବେଦ୍ୟ ଆଉ ଆଣ ନାହିଁ, ଧୂପଦାହ ଆମ୍ଭର ଘୃଣିତ, ଅମାବାସ୍ୟା ଓ ବିଶ୍ରାମବାର, ସଭାର ଘୋଷଣା – ଏହି ଅଧର୍ମ ଓ ମହାସଭା ଆମ୍ଭେ ସହି ପାରୁ ନାହୁଁ । ଆମ୍ଭ ପ୍ରାଣ ତୁମ୍ଭମାନଙ୍କ ଅମାବାସ୍ୟା ଓ ନିରୂପିତ ପର୍ବ ସବୁ ଘୃଣା କରେ, ସେହି ସବୁ ଆମ୍ଭ ପ୍ରତି କ୍ଳେଶ କର, ଆମ୍ଭେ ସେହିସବୁ ବହିବାକୁ କ୍ଳାନ୍ତ ହୋଇଅଛୁ ।

ପୁଣି, ତୁମ୍ଭେମାନେ ଆପଣାମାନଙ୍କର ହସ୍ତ ପ୍ରସାର କଲାବେଳେ ଆମ୍ଭେ ତୁମ୍ଭମାନଙ୍କଠାରୁ ଆପଣା ଚକ୍ଷୁ ଆଚ୍ଛାଦନ କରିବା, ଆହୁରି ତୁମ୍ଭେମାନେ ଅନେକ ପ୍ରାର୍ଥନା କଲା ବେଳେ ଆମ୍ଭେ ଶୁଣିବା ନାହିଁ । ତୁମ୍ଭମାନଙ୍କ ହସ୍ତ ରକ୍ତରେ ପରିପୂର୍ଣ୍ଣ । ତୁମ୍ଭେମାନେ ଆପଣାମାନଙ୍କୁ ଧୌତ କର, ଆପଣାମାନଙ୍କୁ ଶୁଚି କର, ଆମ୍ଭ ଦୃଷ୍ଟିରୁ ଆପଣାମାନଙ୍କ କ୍ରିୟାର ମନ୍ଦତା ଦୂର କର, କୁକ୍ରିୟା କରିବାରୁ ନିବୃତ୍ତ ହୁଅ'' (ଯିଶାଇୟ ୧:୧–୧୬) ।


Secretary

ଈଶ୍ୱର ଯାହା କହୁଛନ୍ତି, ତାହା କରିବା ବ୍ୟତୀତ ଆମ ପଳାୟନ ପାଇଁ ଆଉ କୌଣସି ଉପାୟ ନାହିଁ ।

ଈଶ୍ୱରଙ୍କ ଅନୁଗ୍ରହରୁ, ଆମେ ତାଙ୍କର ସେବାକାର୍ଯ୍ୟରେ ଅଗ୍ରସର ହେଉଅଛୁ । ଅଧିକନ୍ତୁ, ଏହି ମହାମାରୀ ମଧ୍ୟରେ ଆମର ମଣ୍ଡଳୀ କାର୍ଯ୍ୟ ବ୍ୟତୀତ ଆମର ଅନ୍ୟ ସମସ୍ତ କାର୍ଯ୍ୟ ପୁଣିଥରେ ସ୍ୱାଭାବିକ ଭାବେ ଆରମ୍ଭ ହୋଇଯାଇଛି । ଈଶ୍ୱର ଆମକୁ ଜଣେ ସମର୍ପିତ ଓ ମିଶନ କୈନ୍ଦ୍ରିକ ସେକ୍ରେଟାରୀ ଓ ଆମ ମିଶନ ବିଦ୍ୟାଳୟ, ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ପାଇଁ ଅଧକ୍ଷ ଯୋଗଇ ଦେଇଛନ୍ତି । ଆମେ ବିଶ୍ୱାସ କରୁ ଯେ ଈଶ୍ୱର ସମାଜର ଓ ମିଶନେରୀ ଓ ପାଳକମାନଙ୍କର ଦରିଦ୍ର ପିଲାମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ଆମ ବିଦ୍ୟାଳୟକୁ ଆଶୀର୍ବାଦର ପରବର୍ତ୍ତୀ ସ୍ତରକୁ ନେଇଯିବେ । ଆମେ ଦଳିତ ପିଲାମାନଙ୍କୁ ଉଚ୍ଚମାନର ଶିକ୍ଷା ଯୋଗାଇ ଦେଇ ସେମାନଙ୍କୁ ଉତ୍ତମ ନାଗରିକ, ବିଶ୍ୱନେତା, ବୈଜ୍ଞାନିକ ଓ ଧାର୍ମିକ ଲୋକ ଭାବରେବ ବୃଦ୍ଧିପ୍ରାପ୍ତ କରାଇବା ପାଇଁ ଇଚ୍ଛା କରୁଅଛୁ । ଇଂରାଜୀ ଶିକ୍ଷା ଉପରେ ଅଧିକ ଦୃଷ୍ଟି ଦିଆଯାଉଛି । ଆମେ ଆମ ପ୍ରଚେଷ୍ଟାର ସଫଳତା ପାଇଁ ଆପଣମାନଙ୍କର ପ୍ରାର୍ଥନା ଓ ଅର୍ଥ ସହାୟତା ଆବଶ୍ୟକ କରୁଅଛୁ । ଏହା ଆମ ବିଦ୍ୟାଳୟର ୨୪ତମ ବର୍ଷ ଅଟେ । ଆମେ ଏହା ଜାଣୁ ଯେ ଈଶ୍ୱର ଗୋଟିଏ ମହାନ୍ ଉଦ୍ଦେଶ୍ୟର ସହିତ ଆମ ହସ୍ତରେ ଏହି ବିଦ୍ୟାଳୟ ପ୍ରଦାନ କରିଥିଲେ । ସେଥିପାଇଁ, ଆସନ୍ତୁ, ଆମେ ଈଶ୍ୱରଙ୍କ ବଳବନ୍ତ ହସ୍ତ ତଳେ ନିଜ ନିଜକୁ ନମ୍ର କରିବା ଯେପରି ସେ ଉଚିତ୍ ସମୟରେ ଆମକୁ ଉନ୍ନତ କରିବେ (୧ ପିତର ୫:୬) ।


Principal

ଆଜିକାଲି, ଆମେ ଅତିରିକ୍ତ କାର୍ଯ୍ୟଭାର ଯୋଗୁ ଚେନ୍ନାଇସ୍ଥିତ ଚେପକ୍‌ଠାରେ ଥିବା ଆମର ମୁଖ୍ୟ କାର୍ଯ୍ୟାଳୟରେ ଦୈନିକ ପ୍ରଶାସନିକ କାର୍ଯ୍ୟ ଓ ବିକାଶ ଯୋଜନା ସହିତ ସହଯୋଗ କରିବା ପାଇଁ ଅସମର୍ଥ ହେଉଅଛୁ । ସେଥିପାଇଁ ଆମେ ନିମ୍ନଲିଖିତ ଉଚ୍ଚ ମିଶନ ମନୋଭାବ ରଖିଥିବା ସଂପୂର୍ଣ୍ଣ ସମୟ ଅଫିସ୍ କର୍ମଚାରୀମାନଙ୍କୁ ଆବଶ୍ୟକ କରୁଅଛୁ :

୧. ଗୁରୁତ୍ୱପୂର୍ଣ୍ଣ ଇଂରାଜୀ ଲେଖା ଓ ପ୍ରଶାସନିକ କାର୍ଯ୍ୟକୁ ପରିଚାଳନା କରିବା ପାଇଁ ମୁଖ୍ୟ ପ୍ରଶାସକଙ୍କର ସେକ୍ରେଟାରୀ (ଯୋଗ୍ୟତା : ଗ୍ରାଜୁଏଟ ଓ ଇଂରାଜୀ ଓ ଅନ୍ୟ ଭାଷାରେ ଯୋଗାଯୋଗ କରିବା ପାଇଁ ସ୍ୱାଧୀନଭାବେ ସମର୍ଥ) । ଉତ୍ତମ ଭାବେ କମ୍ପ୍ୟୁଟର ପରିଚାଳନା କରୁଥିବା ମଧ୍ୟ ଏକାନ୍ତ ଆବଶ୍ୟକ ।

୨. ଡି.ଟି.ପି ଅପରେଟର (ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ) ।

୩. ସଙ୍ଗୀତଜ୍ଞ (ଯାନ୍ତ୍ରିକ କାର୍ଯ୍ୟ – ଯେ କୌଣସି କ୍ଷେତ୍ରରେ) ।

ଆମେ ଉପଯୁକ୍ତ ଦରମା ଦେବୁ, ପ୍ରଭୁ ଯେପରି ତାଙ୍କ ସେବାକାର୍ଯ୍ୟ ପାଇଁ ସଠିକ୍ ବ୍ୟକ୍ତି ଯୋଗାଇବେ, ଏଥିପାଇଁ ଆମ ସହିତ ପ୍ରାର୍ଥନା କରନ୍ତୁ ।

ଆମେ ନୂତନ ବର୍ଷ ୨୦୨୧ରେ ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ''କୁ ପରବର୍ତ୍ତୀ ସ୍ତରକୁ ସଂପ୍ରସାରିତ କରିବା ପାଇଁ କାର୍ଯ୍ୟ କରୁଅଛୁ ।

ବଡ଼ଦିନ ଓ ନୂତନ ବର୍ଷ ଆମ ନିକଟକୁ ପାଖେଇ ଆସୁଛି । ଆପଣମାନେ ସର୍ବଦା ମାସ୍କ ପିନ୍ଧନ୍ତୁ, ହାତ ଧୁଅନ୍ତୁ ଓ ସାମାଜିକ ଦୂରତା ରକ୍ଷା କରନ୍ତୁ ବୋଲି ଆମେ ପରାମର୍ଶ ଦେଉଅଛୁ । ଆମର ପର୍ବ ପାଳନ କରିବା ସର୍ବଦା ଉତ୍ତମ ଅଟେ । ''ଈଶ୍ୱର ଆପଣାର ଏକମାତ୍ର ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୁଏ'' (ଯୋହନ ୩:୧୬) । ସେଥିପାଇଁ, ଆମେ ଆପଣମାନଙ୍କୁ ଏକ ଆନନ୍ଦମୟ ବଡ଼ଦିନ ଓ ସମୃଦ୍ଧିଶାଳୀ ନୂତନ ବର୍ଷ ୨୦୨୧ର ଶୁଭେଚ୍ଛା ଜଣାଉଅଛୁ ।

''ଆଉ ସଦାପ୍ରଭୁ ନିତ୍ୟ ତୁମ୍ଭକୁ ପଥ କଢ଼ାଇ ନେବେ ଓ ମରୁ ଭୂମିରେ ତୁମ୍ଭ ପ୍ରାଣକୁ ତୃପ୍ତ କରିବେ ଓ ତୁମ୍ଭ ଅସ୍ଥି ସକଳକୁ ବଳିଷ୍ଠ କରିବେ, ତହିଁରେ ତୁମ୍ଭେ ଜଳ ସିଞ୍ଚିତ ଉଦ୍ୟାନ ତୁଲ୍ୟ ଓ ଜଳାଭାବ ନ ଥିବା ନିର୍ଝର ତୁଲ୍ୟ ହେବ'' (ଯିଶାଇୟ ୫୮:୧୧) ।

ନୂତନ ବର୍ଷରେ, ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

**ଆପଣମାନଙ୍କର ସେବକଗଣ,**
**ପାଳକ ସାମ୍ ଓ ସାମ୍‌ସନ୍**

---

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

## ୧. ଈଶ୍ୱରଙ୍କ ପ୍ରତ୍ୟାଦେଶ

ଛୋଟ ଶାମୁୟେଲ ଈଶ୍ୱରଙ୍କ ପ୍ରତ୍ୟାଦେଶ ପାଇଥିଲେ । ସେ ଇସ୍ରାଏଲର ଭାବବାଦୀ ଓ ବିଚାରକର୍ତ୍ତା ହୁଅନ୍ତୁ ବୋଲି ଈଶ୍ୱର ଇଚ୍ଛା କରୁଥିଲେ । ସେ ତାଙ୍କ ସହିତ କଥାବାର୍ତ୍ତା କରିଥିଲେ ଯାହା ତାଙ୍କର ହୃଦୟ ଓ ମନକୁ ସଂପ୍ରସାରିତ କରିଥିଲା । ସେ ଯାହା ଦେଖୁଥିଲେ, ତା'ର ଉର୍ଦ୍ଧ୍ୱକୁ ଦେଖିବା ପାଇଁ ଈଶ୍ୱର ତାଙ୍କୁ ପ୍ରତ୍ୟାଦେଶ ଦେଇଥିଲେ । ସେଥିପାଇଁ ଲୋକମାନେ ତାଙ୍କୁ ସାଧୁ ଓ ଭାବବାଦୀ ବୋଲି କହୁଥିଲେ । ଯେତେବେଳେ ଶାଉଲ ଓ ତାଙ୍କର ଦାସ ସେମାନଙ୍କର ହଜିଯାଇଥିବା ଗଧର ଅନ୍ୱେଷଣ କରୁଥିଲେ, ସେତେବେଳେ ଲୋକମାନେ ତାଙ୍କୁ ଶାମୁୟେଲଙ୍କ ନିକଟକୁ ଆଣିଥିଲେ । ଶାମୁୟେଲ ୫୨ ବର୍ଷ ଧରି ଭାବବାଦୀ ଓ ବିଚାରକର୍ତ୍ତା ଭାବରେ ଇସ୍ରାଏଲର ନେତୃତ୍ୱ ନେଉଥିଲେ ।

***ଆହ୍ୱାନ ପ୍ରତିଧ୍ୱନି ସେବାକାର୍ଯ୍ୟ ଆହ୍ୱାନର ପ୍ରତିଧ୍ୱନି ପତ୍ରିକାର ପାଠକମାନଙ୍କର ଓ ଆପଣମାନଙ୍କ ଭଳି ଆମର ପ୍ରିୟ ବନ୍ଧୁମାନଙ୍କର ସ୍ୱେଚ୍ଛାଦାନ ଦ୍ୱାରା ପରିଚାଳିତ ହୋଇଥାଏ । ଈଶ୍ୱର ''ଜଣେ ହୃଷ୍ଟଚିତ୍ତଦାତାଙ୍କୁ ପ୍ରେମ କରନ୍ତି'' (୨ କରିନ୍ଥୀୟ ୯:୭) । ଯେ କୌଣସି ମାଧ୍ୟମରେ, ଯେ କୌଣସି ମୂଲ୍ୟ ବିନିମୟରେ – ଯେ କୌଣସି ମାର୍ଗରେ, ସମସ୍ତ ଉପାୟରେ କେତେଜଣଙ୍କୁ ରକ୍ଷା କରନ୍ତୁ (୧ କରିନ୍ଥୀୟ ୯:୨୨) ।***

***– ସଂପାଦକ***

ଯୀଶୁ ଖ୍ରୀଷ୍ଟ ଗୋଟିଏ ପ୍ରତ୍ୟାଦେଶ ପାଇଥିଲେ : ଯୀଶୁ ସେମାନଙ୍କୁ କହିଲେ, ''ମୋହର ପ୍ରେରଣକର୍ତ୍ତାଙ୍କର ଇଚ୍ଛା ସାଧନ କରିବା ଓ ତାହାଙ୍କର କାର୍ଯ୍ୟ ସମାପ୍ତ କରିବା, ଏହାହିଁ ମୋହର ଖାଦ୍ୟ'' (ଯୋହନ ୪:୩୪) । ଆମେ ଈଶ୍ୱରଙ୍କ ଇଚ୍ଛା ସାଧନ କରିବା ପାଇଁ ତାଙ୍କ ଦ୍ୱାରା ନିର୍ମିତ ହୋଇଛୁ । ତାଙ୍କ ଇଚ୍ଛା ବିଷୟରେ ଆମ ନିକଟରେ କୌଣସି ପ୍ରତ୍ୟାଦେଶ ନ ଥିଲେ, ଆମେ ଆଦୌ ସଂପୂର୍ଣ୍ଣ ହେବା ନାହିଁ । ଆମର ଜୀବନ ଓ ଆମର ଦର୍ଶନ ଉପରେ ଈଶ୍ୱରଙ୍କ ଇଚ୍ଛା ଏକତ୍ର କାର୍ଯ୍ୟ କରିବା ଉଚିତ୍ ।

ଖାଦ୍ୟ ଯେପରି ଏକ ଆନନ୍ଦ / ସନ୍ତୋଷ ଅଟେ ଓ ଆମ ଶରୀରକୁ ଶକ୍ତି ପ୍ରଦାନ କରେ, ସେହିପରି ଆମ ଦର୍ଶନର ସଫଳତା ମଧ୍ୟ ଆମ ଆତ୍ମାକୁ ଆନନ୍ଦ ଦେବ । ଏହା ଆମ ପ୍ରାଣ ପ୍ରତି ଏକ ଶକ୍ତି ଓ ଆମ ମନ ପ୍ରତି ଏକ ସନ୍ତୋଷ ଅଟେ । ପିତାଙ୍କର ସନ୍ତୋଷଜନକ କାର୍ଯ୍ୟକୁ ସମାପ୍ତ କରିବା ପାଇଁ ଈଶ୍ୱର ଯୀଶୁ ଖ୍ରୀଷ୍ଟଙ୍କୁ ଜଗତକୁ ପ୍ରେରଣ କରିଥିଲେ । ପ୍ରଭୁ କହିଥିଲେ, ''ତୁମ୍ଭେ ମୋତେ ଯେଉଁ କର୍ମ କରିବାକୁ ଦେଇଅଛ, ତାହା ମୁଁ ସମାପ୍ତ କରି ପୃଥିବୀରେ ତୁମ୍ଭକୁ ମହିମାନ୍ୱିତ କରିଅଛି'' (ଯୋହନ ୧୭:୪) ।

ଆମ ସମସ୍ତଙ୍କ ନିକଟରେ ଏକ ଦର୍ଶନ ରହିବା ଆବଶ୍ୟକ । ଆମେ କାହିଁକି ଏ ଜଗତରେ ଜନ୍ମ ହୋଇଛୁ, ତାହା ଆମେ ଜାଣିବା ଆବଶ୍ୟକ । ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ସାଧନ କରିବା ପାଇଁ ଆମକୁ ଏହି ଜଗତ ମଧ୍ୟକୁ ପ୍ରେରଣ କରାଯାଇଛି ଓ ଆମେ ଆମ ନିଜସ୍ୱ ଇଚ୍ଛାରେ ଏହି ଜଗତକୁ ଆସି ନାହୁଁ । ଯଦି ଲୋକମାନେ କୌଣସି ଉଦ୍ଦେଶ୍ୟ ନ ଥାଇ ଏହି ଜଗତକୁ ଆସିବେ, ତେବେ ଜଗତ ଆଜି ଭଳି ରହିବ ନାହିଁ । ପ୍ରତ୍ୟେକ ଯୁଗ ଏହାର ନିଜସ୍ୱ ଲୋକମାନଙ୍କୁ ଓ ମୋଶାଙ୍କ ସଦୃଶ ଲୋକଙ୍କୁ ଓ ପ୍ରଚାର କରିବା ପାଇଁ ଉଦ୍ଦିଷ୍ଟ ଭାବବାଦୀମାନଙ୍କୁ ପାଇଥାଏ (ଲୂକ ୧୬:୨୯) । ସଦାପ୍ରଭୁ ପରମେଶ୍ୱର କେତେ ଜଣଙ୍କୁ ପ୍ରେରିତ, କେତେ ଜଣଙ୍କୁ ଭାବବାଦୀ, କେତେ ଜଣଙ୍କୁ ପ୍ରଚାରକ, କେତେ ଜଣଙ୍କୁ ପାଳକ ଓ ଶିକ୍ଷକ ହେବା ପାଇଁ ସୃଷ୍ଟି କରିଥିଲେ (ଏଫିସୀୟ ୪:୧୧) । ପ୍ରତ୍ୟେକ ଯୁଗ ପାଇଁ, ପ୍ରଭୁ ତାଙ୍କର ସେବାକାର୍ଯ୍ୟ ନିମନ୍ତେ ଏହିସବୁ କାର୍ଯ୍ୟକାରୀମାନଙ୍କର ଉପସ୍ଥିତିର ନିଶ୍ଚୟତା ପ୍ରଦାନ କରିଛନ୍ତି । ତାଙ୍କର ଉଦ୍ଦେଶ୍ୟ ହେଉଛି, ଏହି ପୃଥିବୀରେ ତାଙ୍କର ଇଚ୍ଛା ସାଧନ କରିବା ।

ଆମ ନିକଟରେ ଈଶ୍ୱରଙ୍କ ପ୍ରତ୍ୟାଦେଶ ନ ରହିଲେ, ଆମେ ଆମ ଜୀବନରେ କ'ଣ କରିବୁ, ଏ ବିଷୟରେ କୌଣସି ନିଷ୍ପତ୍ତି ନେଇ ପାରିବୁ ନାହିଁ । ଆମ ଜୀବନ ଦିଗବିହୀନ ହେବ ଓ ଆମେ ସଂପୂର୍ଣ୍ଣତା ପ୍ରାପ୍ତ ହୋଇ ପାରିବା ନାହିଁ । ଆମେ ଯାହା ଚାହୁଁ, ତାହା କରିବା ଦ୍ୱାରା ସଂପୂର୍ଣ୍ଣତା ଆସିବ ନାହିଁ । ଆମେ ଯାହା କରୁ ବୋଲି ଈଶ୍ୱର ଚାହାଁନ୍ତି, ତାହା କରିବା ଦ୍ୱାରା ଏହା ପ୍ରାପ୍ତ ହୋଇପାରିବ । ଏଥିପାଇଁ ଆମେ ଈଶ୍ୱରଙ୍କ ପ୍ରତ୍ୟକ୍ଷ ଦର୍ଶନ ଦ୍ୱାରା କିମ୍ବା ତାଙ୍କ ବାକ୍ୟ ଦ୍ୱାରା ଈଶ୍ୱରଙ୍କର ଏକ ପ୍ରତ୍ୟାଦେଶ ଆବଶ୍ୟକ କରୁ । ଈଶ୍ୱର ଏକ ପ୍ରତ୍ୟାଦେଶ ଦେବା ପାଇଁ ଦର୍ଶନ ଦେବେ ବୋଲି ସମସ୍ତେ ଆଶା କରିପାରିବେ ନାହିଁ । ଈଶ୍ୱର ତାଙ୍କ ବାକ୍ୟ ମାଧ୍ୟମରେ ସୁଦ୍ଧା ଏକ ପ୍ରତ୍ୟାଦେଶ ଦେଇପାରନ୍ତି । ଆମେ ତାଙ୍କ ବାକ୍ୟକୁ ପାଠ କରିବା, ଧ୍ୟାନ କରିବା ଓ ପ୍ରାର୍ଥନା କରିବା ସମୟରେ ତାଙ୍କ ବାକ୍ୟ ମାଧ୍ୟମରେ ପ୍ରତ୍ୟାଦେଶ ପାଇପାରିବା । ଯେତେବେଳେ ଆମେ ଈଶ୍ୱରଙ୍କ ପ୍ରତ୍ୟାଦେଶ ପାଇବା, ସେତେବେଳେ ଆମେ ଆବଶ୍ୟକୀୟ ଶକ୍ତି ପାଇବା ଓ ସଠିକ୍ କାର୍ଯ୍ୟ କରିବା । ଏହା ଆମକୁ ଆନନ୍ଦ ଓ ଆଶୀର୍ବାଦରେ ପରିପୂର୍ଣ୍ଣ କରିବ । ଖାଦ୍ୟ ଆମ ପୋଷଣରେ ଓ ବଞ୍ଚିବାରେ ସାହାଯ୍ୟ କରେ । ଏହା ଆମକୁ ଶକ୍ତି ଓ ସନ୍ତୋଷ ଦିଏ । ଅଭାବଗ୍ରସ୍ତମାନଙ୍କୁ ଆମେ ଆମ ଖାଦ୍ୟରେ ସହଭାଗୀ କରିପାରିବା । ଯୀଶୁଙ୍କ ନିମନ୍ତେ, ଈଶ୍ୱରଙ୍କ ଇଚ୍ଛା ସାଧନ କରିବା ତାଙ୍କର ଖାଦ୍ୟ ଥିଲା । ଯେତେବେଳେ ଆମେ ଈଶ୍ୱରଙ୍କ ଇଚ୍ଛା ସାଧନ କରିବା, ସେତେବେଳେ ଈଶ୍ୱର ଆମର ଆବଶ୍ୟକତା ଆମକୁ ଯୋଗାଇବେ । ଆମେ ଚିନ୍ତିତ ହେବା ଆବଶ୍ୟକ ନୁହେଁ ।

## ୨. ଈଶ୍ୱରଙ୍କଠାରୁ ପ୍ରତ୍ୟାଦେଶ

ଯିରିମିୟରେ ଈଶ୍ୱରଙ୍କର ଗୋଟିଏ କୌତୁହଳପ୍ରଦ ବାର୍ତ୍ତା ଅଛି : ଯିରିମିୟ ୧:୪-୧୦ : ସଦାପ୍ରଭୁଙ୍କର ଏହି ବାକ୍ୟ ମୋ' ନିକଟରେ ଉପସ୍ଥିତ ହେଲା, ଯଥା – ଉଦର ମଧ୍ୟରେ ତୁମ୍ଭକୁ ଗଢ଼ିବା ପୂର୍ବରୁ ଆମ୍ଭେ ତୁମ୍ଭକୁ ଜାଣିଲୁ, ପୁଣି ଭୂମିଷ୍ଠ ହେବା ପୂର୍ବରୁ ଆମ୍ଭେ ତୁମ୍ଭକୁ ପବିତ୍ର କଲୁ, ଆମ୍ଭେ ତୁମ୍ଭକୁ ନାନା ଦେଶୀୟମାନଙ୍କ ନିକଟରେ ଭବିଷ୍ୟଦ୍‌ବକ୍ତା କରି ନିଯୁକ୍ତ କରିଅଛୁ ।

ଏଥିରେ ମୁଁ କହିଲି, ହାୟ ହାୟ, ହେ ପ୍ରଭୁ, ସଦାପ୍ରଭୁ । ଦେଖ, ମୁଁ କଥା କହି ଜାଣେ ନାହିଁ, କାରଣ ମୁଁ ତ ବାଳକ । ମାତ୍ର ସଦାପ୍ରଭୁ ମୋତେ କହିଲେ, ମୁଁ ବାଳକ ବୋଲି କୁହ ନାହିଁ, କାରଣ ଆମ୍ଭେ ତୁମ୍ଭକୁ ଯାହା ନିକଟକୁ ପଠାଇବା, ତୁମ୍ଭେ ତାହା ନିକଟକୁ ଯିବ ଓ ଆମ୍ଭେ ତୁମ୍ଭକୁ ଯାହା ଆଜ୍ଞା ଦେବା, ତାହା ତୁମ୍ଭେ କହିବ ।

ସେମାନଙ୍କ ସକାଶୁ ଭୀତ ହୁଅ ନାହିଁ, କାରଣ ସଦାପ୍ରଭୁ କହନ୍ତି, ତୁମ୍ଭକୁ ଉଦ୍ଧାର କରିବା ପାଇଁ ଆମ୍ଭେ ତୁମ୍ଭ ସଙ୍ଗେ ସଙ୍ଗେ ଅଛୁ । ସେତେବେଳେ ସଦାପ୍ରଭୁ ଆପଣା ହସ୍ତ ବଢ଼ାଇ ମୋର ମୁଖ ସ୍ପର୍ଶ କଲେ, ଆଉ, ସଦାପ୍ରଭୁ ମୋତେ କହିଲେ, ଦେଖ, ଆମ୍ଭେ ଆପଣା ବାକ୍ୟ ତୁମ୍ଭ ମୁଖରେ ଦେଲୁ । ୧୦ ଦେଖ, ଉତ୍ପାଟନ ଓ ଭଗ୍ନ ଓ ବିନାଶ ଓ ନିପାତ କରିବା ନିମନ୍ତେ, ପତ୍ତନ ଓ ରୋପଣ କରିବା ନିମନ୍ତେ ଆମ୍ଭେ ନାନା ଦେଶ ଓ ରାଜ୍ୟ ଉପରେ ଆଜି ତୁମ୍ଭକୁ ନିଯୁକ୍ତ କଲୁ ।

ସଦାପ୍ରଭୁଙ୍କ ବାକ୍ୟ ଯିରିମିୟଙ୍କ ନିକଟରେ ଉପସ୍ଥିତ ହୋଇଥିଲା । ସଦାପ୍ରଭୁ ଜାତି ଓ ରାଜ୍ୟଗୁଡ଼ିକ ନିକଟକୁ ତାଙ୍କର ବାର୍ତ୍ତା ନେଇଯିବା ପାଇଁ ମାତାର ଉଦରରୁ ତାଙ୍କୁ ପୃଥକ୍ କରିଥିଲେ । ''ଦେଖ, ଉତ୍ପାଟନ, ଭଗ୍ନ ଓ ବିନାଶ ଓ ନିପାତ କରିବା ନିମନ୍ତେ, ପତ୍ତନ ଓ ରୋପଣ କରିବା ନିମନ୍ତେ ... ତୁମ୍ଭକୁ ନିଯୁକ୍ତ କଲୁ ।'' ଅଧାର୍ମିକ ବିଷୟଗୁଡ଼ିକୁ ଉତ୍ପାଟନ କରି ନୂତନଭାବେ ନିର୍ମାଣ ଓ ରୋପଣ କରିବା ଆବଶ୍ୟକ ଥିଲା । ଏହା ଯିହୁଦା ସମ୍ବନ୍ଧରେ ଏକ ନିର୍ଦ୍ଦିଷ୍ଟ ପ୍ରତ୍ୟାଦେଶ ଅଟେ । ସେହି ଦେଶ ଈଶ୍ୱରଙ୍କ ଇଚ୍ଛାଠାରୁ ଦୂରେଇ ଯାଇଥିଲା । ଅବଶିଷ୍ଟ ଲୋକମାନଙ୍କ ମଧ୍ୟରୁ ଗୋଟିଏ ନୂତନ ଜାତି ନିର୍ମାଣ ଓ ରୋପଣ କରିବା ପାଇଁ ଏହାକୁ ଉତ୍ପାଟନ କରିବା ଆବଶ୍ୟକ ଥିଲା ।

ଯେତେବେଳେ ଈଶ୍ୱରଙ୍କ ଲୋକମାନେ ଈଶ୍ୱରଙ୍କ ଇଚ୍ଛାରୁ ଦୂରକୁ ଚାଲିଯିବେ, ସେତେବେଳେ ସେ ସେମାନଙ୍କୁ ଉତ୍ପାଟନ ଓ ବିନାଶ କରି ପୁନର୍ନିର୍ମାଣ କରିବା ପାଇଁ କୁଣ୍ଠିତ ହେବେ ନାହିଁ । ଦେଶକୁ ଆଘାତ କରିଥିବା ସମସ୍ତ ବିପର୍ଯ୍ୟୟ ଆମକୁ ଏହି ଶିକ୍ଷା ପ୍ରଦାନ କରେ । ଯଦି କରୋନା ଦେଶସମୂହକୁ ଆଘାତ କରିଛି, ତେବେ ଏହାର ଅର୍ଥ ହେଉଛି ଯେ, ଦେଶଗୁଡ଼ିକୁ ଗଭୀର ନିଦ୍ରାରୁ ଜାଗ୍ରତ କରିବା ପାଇଁ, ଦୁଷ୍ଟତା ଓ ଅଧର୍ମରୁ ସେମାନଙ୍କୁ ଶୁଚି କରିବା ପାଇଁ ଇଚ୍ଛା କରୁଛନ୍ତି । ଏହା ବିନାଶ ନିମନ୍ତେ ନୁହେଁ, ମାତ୍ର ସଂଶୋଧନ ଓ ନିର୍ମାଣ ନିମନ୍ତେ ଉଦ୍ଦିଷ୍ଟ ଅଟେ । ସେଥିପାଇଁ, ହେ ଦେଶସମୂହ, ଭୟ କର ନାହିଁ, ସଦାପ୍ରଭୁ ମଙ୍ଗଳ ପାଇଁ ସମସ୍ତ କାର୍ଯ୍ୟ କରନ୍ତି । ଯନ୍ତ୍ରଣା କ୍ଷଣସ୍ଥାୟୀ ଅଟେ ଓ ପୁନଃ ପ୍ରତିଷ୍ଠା ଚିରସ୍ଥାୟୀ ଅଟେ ।

## ୩. ଈଶ୍ୱରଙ୍କ ବିଷୟରେ ପ୍ରତ୍ୟାଦେଶ

ଈଶ୍ୱର ଜଣେ ଶ୍ରେଷ୍ଠ ଯୋଗାଣ କର୍ତ୍ତା ଭାବରେ ନିଜକୁ ଇସ୍ରାଏଲୀୟମାନଙ୍କ ନିକଟରେ ପ୍ରକାଶ କରିଥିଲେ । ସମସ୍ତ ଇସ୍ରାଏଲ ମିଶରରୁ ବାହାର ପ୍ରତିଜ୍ଞାତ ଦେଶ କିଣାନକୁ ଯାତ୍ରାରମ୍ଭ କରିଥିଲେ । ସେମାନେ ସୂଫ ସମୁଦ୍ର ଆଡ଼କୁ ଅଗ୍ରସର ହେଉଥିଲେ । ମିସରୀୟ ସୈନ୍ୟବାହିନୀ ସେମାନଙ୍କର ଅନୁଧାବନ କରୁଥିଲେ । ସୂଫସମୁଦ୍ରରେ ଜଳମଗ୍ନ ହେବା ବ୍ୟତୀତ ସେମାନଙ୍କ ନିକଟରେ ଅନ୍ୟ କୌଣସି ଉପାୟ ନ ଥିଲା । ଲୋକମାନେ ସେମାନଙ୍କର ଦୁଃଖଦ ଅବସ୍ଥା ପାଇଁ ମୋଶା ଓ ହାରୋଣଙ୍କୁ ଦୋଷ ଦେଉଥିଲେ । ମୋଶାଙ୍କ ନିକଟରେ ମଧ୍ୟ କୌଣସି ଉପାୟ ନ ଥିଲା । ମାତ୍ର ସଦାପ୍ରଭୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ କିଛି କାର୍ଯ୍ୟ କରିବେ ବୋଲି ସେ ଜାଣି ନ ଥିଲେ ।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨),ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତିମଥି ୧:୬)

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ, (୨୦୨୦ ଡିସେମ୍ବର ୧୯ ରୁ ଜାନୁୟାରୀ ୧୮ ପର୍ଯ୍ୟନ୍ତ)**

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ )

## ପ୍ରଶଂସାର ବିଷୟ

ଡିସେମ୍ବର–୧୯ ଈଶ୍ୱରଙ୍କର ସୁସ୍ଥକାରୀ ହସ୍ତ ଆମର ପ୍ରିୟ ସହଯୋଗୀ ସଂପାଦକ, ଭାଇ ପଲ୍‌ରାଜ୍, ସହିତ ଅଛି ।

ଡିସେମ୍ବର –୨୦ ଈଶ୍ୱର ଆମ ସେବାକାର୍ଯ୍ୟ ପାଇଁ ନୂତନ ଉର୍ଦ୍ଦୁ ସହଯୋଗୀ ସଂପାଦକ ଯୋଗାଇଛନ୍ତି ।

ଡିସେମ୍ବର –୨୧ ଈଶ୍ୱର ନୂତନଭାବେ ମଣିପୁରୀ ଭାଷାରେ ‘‘ଆହ୍ୱାନର ପ୍ରତିଧ୍ୱନି’’ ପତ୍ରିକା ପ୍ରକାଶ କରିବାରେ ଆମକୁ ସାହାଯ୍ୟ କରିଛନ୍ତି ।

ଡିସେମ୍ବର –୨୨ ଈଶ୍ୱର ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସ ସ୍କୁଲ ପାଇଁ ଜଣେ ନୂତନ ଅଧ୍ୟକ୍ଷ ଯୋଗାଇଛନ୍ତି ।

ଡିସେମ୍ବର –୨୩ ‘‘ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ’’ ପାଇଁ ଆବଶ୍ୟକୀୟ ବିଷୟ ଯୋଗାଇଥିବାରୁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ ।

ଡିସେମ୍ବର –୨୪ ଈଶ୍ୱର ଏହି ବର୍ଷର ବଡ଼ଦିନ ପର୍ଯ୍ୟନ୍ତ ଆମକୁ ସୁରକ୍ଷା ଦେଇଛନ୍ତି ।

ଡିସେମ୍ବର–୨୫ ଈଶ୍ୱର ନିଜର ଏକମାତ୍ର ଅଦ୍ୱିତୀୟ ପୁତ୍ରଙ୍କୁ ତ୍ରାଣକର୍ତ୍ତା ଭାବରେ ଏହି ଜଗତକୁ ପ୍ରେରଣ କରିଥିବାରୁ ତାଙ୍କର ପ୍ରଶଂସା କରନ୍ତୁ ।

ଡିସେମ୍ବର –୨୬ ଈଶ୍ୱର ୧୬ଟି ଭାଷାରେ ପ୍ରକାଶିତ, ଆମ ଛାପାକଳରେ ମୁଦ୍ରିତ ଓ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ ଆମର ପତ୍ରିକା ସେବା ଉପରେ ଆଶୀର୍ବାଦ କରିଛନ୍ତି ।

ଡିସେମ୍ବର –୨୭ ସେହି ଦୟାଳୁ ବ୍ୟକ୍ତିମାନଙ୍କ ନିମନ୍ତେ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ ଯେଉଁମାନେ କରୋନା ଦ୍ୱାରା ଆକ୍ରାନ୍ତ ଲୋକମାନଙ୍କୁ ଓ ଆମ ସେବାକାର୍ଯ୍ୟକୁ ସହାୟତା ପ୍ରଦାନ କରିଥିଲେ ।

ଡିସେମ୍ବର –୨୮ ଗତ ବର୍ଷ ଗୁଡ଼ିକରେ ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟକୁ ଅର୍ଥ ସହାୟତା ପ୍ରଦାନ କରିଥିବା ଲୋକମାନଙ୍କ ପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ ।

ଡିସେମ୍ବର –୨୯ ଈଶ୍ୱର ଆଶ୍ଚର୍ଯ୍ୟଜନକ ଭାବରେ ଏହି ବର୍ଷ ୨୦୨୦ରେ ଆମର ସମସ୍ତ ରାଜ୍ୟ ସଂଯୋଜକମାନଙ୍କୁ ସୁରକ୍ଷା ଦେଇଛନ୍ତି ।

ଡିସେମ୍ବର –୩୦ ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ ଓ ସମସ୍ତ କର୍ମୀମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଡିସେମ୍ବର–୩୧ ଈଶ୍ୱର ଏହି ବର୍ଷ ୨୦୨୦ ମଧ୍ୟରେ ଆମ ସମସ୍ତଙ୍କୁ ସୁରକ୍ଷା ଦେଇଛନ୍ତି ।

ଜାନୁୟାରୀ –୧ ବିଗତ ବର୍ଷ ଗୁଡ଼ିକରେ ‘‘ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ’’ ପାଇଁ ପ୍ରାର୍ଥନା କରିଥିବା ଲୋକମାନଙ୍କ ନିମନ୍ତେ ଈଶ୍ୱରଙ୍କର ଧନ୍ୟବାଦ କରନ୍ତୁ ।

ଜାନୁୟାରୀ –୨ ଆମର ପ୍ରାର୍ଥନାସାଥୀ, ଦାନ ଦେଉଥିବା ସାଥୀ, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ ଓ ମହା ଆଦେଶସାଥୀଗଣଙ୍କ ପାଇଁ ଓ ସେମାନଙ୍କ ପରିବାରଗୁଡ଼ିକ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଜାନୁୟାରୀ –୩ ଆମର ପ୍ରଭୁ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଇଛନ୍ତି ।

## ପ୍ରାର୍ଥନାର ବିଷୟ

ଜାନୁୟାରୀ –୪ ଈଶ୍ୱର ଯେପରି ଏହି ମାସ ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର ସମସ୍ତ ଅର୍ଥନୈତିକ ଆବଶ୍ୟକତା ପୂରଣ କରିବେ ।

ଜାନୁୟାରୀ –୫ ଈଶ୍ୱର ଯେପରି ଆମର ମୁଖ୍ୟ ଉପାସନାଳୟ, ବିଦ୍ୟାଳୟ, ବାଇବଲ କଲେଜ, ଛାପାକଳ, ପ୍ରକାଶନ, କାର୍ଯ୍ୟାଳୟ ଓ ଏହାର କାର୍ଯ୍ୟକାରୀମାନଙ୍କ ନିକଟକୁ ୨୦୨୧ରେ ଏକ ନୂତନ ଅଭିଷେକ ପ୍ରେରଣ କରିବେ ।

ଜାନୁୟାରୀ –୬ ଆମର ଇଂରାଜୀ ସହଯୋଗୀ ସଂପାଦକଙ୍କର ସଂପୂର୍ଣ୍ଣ ସୁସ୍ଥତା ନିମନ୍ତେ ନିରନ୍ତର ପ୍ରାର୍ଥନା କରନ୍ତୁ ।

ଜାନୁୟାରୀ –୭ କୋଭିଡ୍–୧୯ ସମୟରେ, ଆହ୍ୱାନର ପ୍ରତିଧ୍ୱନିର ସମସ୍ତ କାର୍ଯ୍ୟାକଳାପ ପାଇଁ ପ୍ରାର୍ଥନା କରନ୍ତୁ ।

ଜାନୁୟାରୀ –୮ ବିଶ୍ୱରୁ କରୋନା ଭୂତାଣୁର ଦୂରୀକରଣ ପାଇଁ ପ୍ରାର୍ଥନା କରନ୍ତୁ ।

ଜାନୁୟାରୀ –୯ ଈଶ୍ୱର ଯେପରି ଆମର ସହଯୋଗୀ ସଂପାଦକ ଭାଇ ଏମ୍.ପଲ୍‌ରାଜଙ୍କ ଦ୍ୱାରା ଲିଖିତ ତାମିଲ ପୁସ୍ତକ ‘‘ଈଶ୍ୱରଙ୍କ ରାଜ୍ୟ’’ ପ୍ରକାଶନରେ ସାହାଯ୍ୟ କରିବେ ।

ଜାନୁୟାରୀ–୧୦ ଈଶ୍ୱର ଯେପରି ବିଶ୍ୱବ୍ୟାପୀପ ସମସ୍ତ ଖ୍ରୀଷ୍ଟିଆନ ମଣ୍ଡଳୀ ମଧ୍ୟରେ ଏକତା ପ୍ରେରଣ କରିବେ ।

ଜାନୁୟାରୀ–୧୧ ସେହି ଲୋକମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ଯେଉଁମାନେ କରୋନା ମହାମାରୀ ଯୋଗୁ ସେମାନଙ୍କ ପ୍ରିୟଜନମାନଙ୍କୁ ଓ ସେମାନଙ୍କ ଜୀବିକା ଓ ସଂପତ୍ତି ସବୁ ହରାଇ ଦେଇଛନ୍ତି ।

ଜାନୁୟାରୀ–୧୨ ସମଗ୍ର ପୃଥିବୀର ଶାନ୍ତି ପାଇଁ ପ୍ରାର୍ଥନା କରନ୍ତୁ ।

ଜାନୁୟାରୀ–୧୩ କାରାଗାର ସେବାକାର୍ଯ୍ୟରେ ଜଡ଼ିତ ଈଶ୍ୱରଙ୍କ ଦାସମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଜାନୁୟାରୀ–୧୪ ଆମ ବାଇବଲ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ ଓ ଥିଓଲୋଜିକାଲ କରେସପଣ୍ଡେସ୍ ପାଠ୍ୟକ୍ରମ ଓ ବାଇବଲ କଲେଜ ଗୁଡ଼ିକର ସଂପ୍ରସାରଣ ପାଇଁ ପ୍ରାର୍ଥନା କରନ୍ତୁ ।

ଜାନୁୟାରୀ–୧୫ ଈଶ୍ୱର ଯେପରି ଏହି ନୂତନ ବର୍ଷରେ ଆମ ବରିଷ୍ଠ ପାଳକଙ୍କର ଯୋଜନା ଓ ଦର୍ଶନଗୁଡ଼ିକୁ ସଫଳ କରିବେ ।

ଜାନୁୟାରୀ–୧୬ ଉତ୍ତର ଭାରତର ମିଶନାରୀମାନଙ୍କର ସୁରକ୍ଷା ଓ ଈଶ୍ୱରଙ୍କ ଚାଳନା ପାଇଁ ପ୍ରାର୍ଥନା କରନ୍ତୁ ।

ଜାନୁୟାରୀ–୧୭ ଈଶ୍ୱର ଯେପରି ଆମ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାରଗୁଡ଼ିକୁ ଆଶୀର୍ବାଦ କରିବେ ।

ଜାନୁୟାରୀ–୧୮ ଈଶ୍ୱର ଯେପରି ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍‌ଭାରାଜ୍, ତାଙ୍କ ପରିବାର ଓ ସହକର୍ମୀମାନଙ୍କୁ ସମସ୍ତ ମନ୍ଦତାରୁ ସୁରକ୍ଷା ଦେବା ଅବ୍ୟାହତ ରଖିବେ ।

*(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)*

ପୁଣି ମୋଶା ଲୋକମାନଙ୍କୁ କହିଥିଲେ, ''ତୁମ୍ଭେମାନେ ଭୟ କର ନାହିଁ, ସୁସ୍ଥିର ହୁଅ, ସଦାପ୍ରଭୁ ଆଜି କି ପ୍ରକାରେ ତୁମ୍ଭମାନଙ୍କୁ ଉଦ୍ଧାର କରିବେ, ତାହା ଦେଖ, ତୁମ୍ଭେମାନେ ଆଜି ଯେପରି ମିସ୍ରୀୟମାନଙ୍କୁ ଦେଖୁଅଛ, ସେପରି ଅନନ୍ତକାଳ ଯାଏ ଆଉ କେବେ ଦେଖିବ ନାହିଁ । ପରମେଶ୍ୱର ତୁମ୍ଭମାନଙ୍କ ନିମନ୍ତେ ଯୁଦ୍ଧ କରିବେ, ତୁମ୍ଭେମାନେ ନୀରବ ରହିବ'' (ଯାତ୍ରା ୧୪:୧୩,୧୪) ।

ନିଜର ଯଷ୍ଟି ଉଠାଇ ସମୁଦ୍ର ଉପରେ ନିଜର ହସ୍ତ ବିସ୍ତାର କରିବା ପାଇଁ ସଦାପ୍ରଭୁ ମୋଶାଙ୍କୁ କହିଥିଲେ । ମୋଶା ସେହିପରି କରିବାରୁ ସମୁଦ୍ର ଜଳ ଦୁଇ ଭାଗରେ ବିଭକ୍ତ ହୋଇଥିଲା ଓ ଈଶ୍ୱର ଅଲୌକିକ ଭାବରେ ସୁଫ ସମୁଦ୍ର ମଧ୍ୟରେ ଏକ ଶୁଷ୍କ ଭୂମି ସୃଷ୍ଟି କରିବାରୁ ଇସ୍ରାଏଲୀୟମାନେ ସେହି ପଥ ଦେଇ ସମୁଦ୍ରକୁ ଅତିକ୍ରମ କରିଥିଲେ । ମିସରୀୟମାନେ ସେମାନଙ୍କ ପଛେ ପଛେ ଯିବା ପାଇଁ ଇଚ୍ଛା କରିଥିଲେ, ମାତ୍ର ସମୁଦ୍ରର ଜଳ ମାଡ଼ି ଆସି ସେମାନଙ୍କୁ ଗ୍ରାସ କରିଥିଲା ଓ ସେମାନେ ସଲିଳ ସମାଧି ଲାଭ କରିଥିଲେ । ଈଶ୍ୱର ନିଜେ ଯାହା ଅଟନ୍ତି, ତାହା ପ୍ରକାଶ କରିଥିଲେ ।

ଇସ୍ରାଏଲୀୟମାନେ ସେମାନଙ୍କ ସହିତ ଆଣିଥିବା ଖାଦ୍ୟ ଶେଷ ହୋଇ ଯାଇଥିଲା ଓ ସେମାନଙ୍କ ପାଇଁ ଖାଦ୍ୟର ଆବଶ୍ୟକତା ଥିଲା । ଈଶ୍ୱର ୪୦ ବର୍ଷ ଧରି ପ୍ରାୟ ୨୦ ଲକ୍ଷ ଲୋକଙ୍କୁ ଖାଦ୍ୟ ଦେବା ପାଇଁ ସ୍ୱର୍ଗରୁ ମାନ୍ନା ବୃଷ୍ଟି କରିଥିଲେ । ସେମାନେ ଜଳ ଆବଶ୍ୟକ କରିବାରୁ ଈଶ୍ୱର ହୋରେବ୍‌ରେ ମୋଶାଙ୍କୁ ତାଙ୍କ ଯଷ୍ଟି ଦ୍ୱାରା ଗୋଟିଏ ପ୍ରସ୍ତରକୁ ଆଘାତ କରିବା ପାଇଁ କହିଥିଲେ । ଫଳରେ ସେହି ପ୍ରସ୍ତର ମଧ୍ୟରୁ ପ୍ରଚୁର ଜଳ ନିର୍ଗତ ହୋଇଥିଲା ଓ ଲୋକମାନେ ସେମାନଙ୍କର ତୃଷା ନିବାରଣ କରିଥିଲେ । ମୋଶା ସେହି ସ୍ଥାନକୁ ମିରୀବାଃ ବୋଲି କହିଥିଲେ (ଯାତ୍ରା ୧୭:୧-୭) ।

ଯେତେବେଳେ ଯର୍ଦ୍ଦନ ନଦୀ ଅଗ୍ରସର ହେଉଥିବା ଲୋକମାନଙ୍କ ନିମନ୍ତେ ଏକ ପ୍ରତିବନ୍ଧକ ରୂପେ ଠିଆ ହୋଇଥିଲା, ସେତେବେଳେ ସଦାପ୍ରଭୁ ଯେପରି ଏକ ଅଲୌକିକ କାର୍ଯ୍ୟ କରିବେ, ଏଥିପାଇଁ ନିଜ ନିଜକୁ ଶୁଚି କରିବା ନିମନ୍ତେ ଯିହୋଶୂୟ ଲୋକମାନଙ୍କୁ କହିଥିଲେ । ଯାଜକ ଓ ଲେବୀୟମାନେ ମଣ୍ଡଳୀର ଆଗେ ଆଗେ ସଦାପ୍ରଭୁଙ୍କର ସିନ୍ଦୁକ ଧରି ଚାଲିଲେ ଓ ଯେତେବେଳେ ସେମାନଙ୍କ ପାଦ ନଦୀର ଜଳକୁ ସ୍ପର୍ଶ କଲା, ସେତେବେଳେ ଏହା ଅଟକିଗଲା ଓ ଦୁଇଭାଗରେ ବିଭାଜିତ ହେଲା । ଇସ୍ରାଏଲର ଲୋକମାନେ ଓ ସେମାନଙ୍କ ପଶୁ ପଲ ନଦୀର ଶୁଷ୍କ ଶଯ୍ୟା ମଧ୍ୟ ଦେଇ ନଦୀ ଅତିକ୍ରମ କରିଥିଲେ ।

ଈଶ୍ୱର ନିଜର ପରାକ୍ରମୀ ବାହୁ ଦ୍ୱାରା ଇସ୍ରାଏଲ ସମ୍ମୁଖରେ ନିଜକୁ ପ୍ରକାଶ କରିଥିଲେ । ଈଶ୍ୱର ନିଜକୁ ପ୍ରକାଶ କରନ୍ତି । ଆମର ଈଶ୍ୱର ଜଣେ ଅଲୌକିକ ଈଶ୍ୱର ଅଟନ୍ତି । ''ତୁମ୍ଭେମାନେ ଆଦ୍ୟ ବିଷୟସବୁ ସ୍ମରଣ କର ନାହିଁ, କିଅବା ପୁରାତନ ବିଷୟସବୁ ବିବେଚନା କର ନାହିଁ । ଦେଖ, ଆମ୍ଭେ ଏକ ନୂତନ କାର୍ଯ୍ୟ କରିବା, ତାହା ଏବେ ଅଙ୍କୁରିତ ହେବ, ତୁମ୍ଭେମାନେ କି ତାହା ଜାଣିବ ନାହିଁ ? ଆହୁରି, ଆମ୍ଭେ ପ୍ରାନ୍ତର ମଧ୍ୟରେ ପଥ ଓ ମରୁଭୂମିରେ ନଦନଦୀ କରିବା'' (ଯିଶାଇୟ ୪୩:୧୮,୧୯) ।

ଆମ ବିଶ୍ୱର ଈଶ୍ୱର ଅଲୌକିକ କାର୍ଯ୍ୟ କରୁଥିବା ଈଶ୍ୱର ଅଟନ୍ତି । ସେ ଶାମୁୟେଲ, ମଗ୍‌ଦଲିନୀ ମରିୟମ ଓ ପାତ୍ମ ଦ୍ୱୀପରେ ଥିବା ପ୍ରେରିତ ଯୋହନଙ୍କୁ ଦର୍ଶନ ଦେଇଥିଲେ । ଭାବବାଦୀ ଯିରିମିୟ ଈଶ୍ୱରଙ୍କ କାର୍ଯ୍ୟ କରିବା ପାଇଁ ତାଙ୍କଠାରୁ ପ୍ରତ୍ୟାଦେଶ ପାଇଥିଲେ । ଇସ୍ରାଏଲୀୟମାନେ ସେମାନଙ୍କ ପ୍ରତିଜ୍ଞାତ ଦେଶକୁ ଯାତ୍ରା କରୁଥିବା ସମୟରେ, ଈଶ୍ୱର ତାଙ୍କ ସମ୍ବନ୍ଧରେ ପ୍ରତ୍ୟାଦେଶ ଦେଇଥିଲେ । ବାଇବଲ ନିମ୍ନ ବିଷୟ ସମ୍ବନ୍ଧୀୟ କାହାଣୀରେ ପରିପୂର୍ଣ୍ଣ ଅଟେ ।

**୧. ଈଶ୍ୱରଙ୍କର ପ୍ରତ୍ୟାଦେଶ**
**୨. ଈଶ୍ୱରଙ୍କଠାରୁ ପ୍ରତ୍ୟାଦେଶ**
**୩. ଈଶ୍ୱରଙ୍କ ବିଷୟରେ ପ୍ରତ୍ୟାଦେଶ**

ସର୍ବ ଶକ୍ତିମାନ ଈଶ୍ୱର ପବିତ୍ର କିଣାନ ଦିଗରେ ଆପଣଙ୍କ ଯାତ୍ରା ପଥରେ ନିଜକୁ ଆପଣଙ୍କ ନିକଟରେ ପ୍ରକାଶ କରନ୍ତୁ ।

★★★

# ଈଶ୍ୱର ମନୁଷ୍ୟଠାରୁ କ'ଣ ଚାହାଁନ୍ତି ?

## (What does God require of Man ?)

''ହେ ମନୁଷ୍ୟ, ଯାହା ଉତ୍ତମ, ତାହା ସେ ତୁମ୍ଭକୁ ଜଣାଇ ଅଛନ୍ତି, ନ୍ୟାୟାଚରଣ, ଦୟା ଭଲ ପାଇବା ଓ ନମ୍ର ଭାବରେ ତୁମ୍ଭ ପରମେଶ୍ୱରଙ୍କ ସହିତ ଗମନାଗମନ କରିବା, ଏହାଛଡ଼ା ସଦାପ୍ରଭୁ ତୁମ୍ଭଠାରୁ ଆଉ କଅଣ ଚାହାଁନ୍ତି ?'' (ମୀଖା ୬:୮) ।

ମନୁଷ୍ୟକୁ ଈଶ୍ୱରଙ୍କ ସହିତ ଘନିଷ୍ଠ ସଂପର୍କ ରଖିବା ପାଇଁ ସୃଷ୍ଟି କରାଯାଇଛି । ଏହା ସୃଷ୍ଟିର ପ୍ରଥମ ଉଦ୍ଦେଶ୍ୟ ଅଟେ । ଯଦି ଏହିପରି ସଂପର୍କ ତିଷ୍ଠି ରହିବା ଆବଶ୍ୟକ, ତେବେ ଈଶ୍ୱର ଏଥିପାଇଁ ମନୁଷ୍ୟଠାରୁ କ'ଣ ଚାହାଁନ୍ତି ? ଏହି ପ୍ରଶ୍ନ କେବଳ ଯେ ସ୍ୱାଭାବିକ, ତା' ନୁହେଁ, ମାତ୍ର ଏହା ଆବଶ୍ୟକ ମଧ୍ୟ ଅଟେ । ଏହି ପ୍ରଶ୍ନର ଉତ୍ତର ବାଇବଲରେ ରହିଛି ଯାହା ତାଙ୍କର ଇଚ୍ଛାକୁ ମନୁଷ୍ୟମାନଙ୍କ ପାଇଁ ବ୍ୟାଖ୍ୟା କରେ ଓ ସେମାନଙ୍କୁ ତାଙ୍କର ପଦ୍ଧତି ଜଣାଏ । ଧର୍ମଶାସ୍ତ୍ର ଆଦର୍ଶ ଓ ବାସ୍ତବ ଭାଷାରେ ଈଶ୍ୱରଙ୍କର ଆବଶ୍ୟକତାଗୁଡ଼ିକ ଘୋଷଣା କରିଛି ।

ଈଶ୍ୱରଙ୍କଠାରେ ଆଦର୍ଶ ଓ ବାସ୍ତବ ସମାନ ଅଟେ । ସେ ଯାହା ହେବା ଉଚିତ୍, ତାହା ହିଁ ଅଟନ୍ତି । ମାତ୍ର ମନୁଷ୍ୟଠାରେ, ସେମାନେ ଯାହା ହେବା ଉଚିତ୍, ତାହା ନୁହଁନ୍ତି । ଯେଉଁ ମନୁଷ୍ୟ ନିଜକୁ ପବିତ୍ର ବୋଲି ବିଚାର କରେ, ସେ ଯୀଶୁଙ୍କ ସହିତ ଏକ ବ୍ୟକ୍ତିଗତ ସାକ୍ଷାତ୍ ପରେ, ଏହିପରି ସ୍ୱୀକାର କରେ, ''ଓଃ, ମୁଁ କେତେ ଘୃଣ୍ୟ ମନୁଷ୍ୟ ଅଟେ ।'' ମାନବ ଇତିହାସରେ କେବଳ ଯୀଶୁ ତାଙ୍କ ଅନୁଭୂତିରେ ଈଶ୍ୱରଙ୍କର ଆଦର୍ଶଗତ ଓ ବାସ୍ତବ ଆବଶ୍ୟକତାଗୁଡ଼ିକୁ ମିଳିତ କରିଥିଲେ ।

ବାସ୍ତବ ଓ ଆଦର୍ଶ ମାନବ ଅନୁଭୂତିରେ ସମାନ ହୋଇ ନ ଥିବାରୁ, ମୁଁ ଆମ ପ୍ରଶ୍ନକୁ ଦୁଇଟି ଭାଗରେ ଉତ୍ତର ଦେବା ପାଇଁ ଇଚ୍ଛା କରୁଅଛି । ପ୍ରଥମରେ, ଈଶ୍ୱରଙ୍କର ଆଦର୍ଶଗତ ଆବଶ୍ୟକତ, ଦ୍ୱିତୀୟରେ ଈଶ୍ୱରଙ୍କର ବାସ୍ତବ ଆବଶ୍ୟକତା ।

**ଈଶ୍ୱରଙ୍କର ଆଦର୍ଶଗତ ଆବଶ୍ୟକତା**

ଦ୍ୱିତୀୟ ବିବରଣ ପୁସ୍ତକ କହେ ଯେ ମନୁଷ୍ୟ ଯେପରି ତାଙ୍କୁ ପ୍ରେମ କରିବ, ତାଙ୍କର ସେବା କରିବ ଓ ତାଙ୍କ ବିଧିସବୁ ପାଳନ କରିବ, ଏହା ଈଶ୍ୱର ତା'ଠାରୁ ଆବଶ୍ୟକ କରନ୍ତି । ''ଏହେତୁ ତୁମ୍ଭେ ସବୁବେଳେ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କୁ ପ୍ରେମ କରିବ ଓ ତାହାଙ୍କ ରକ୍ଷଣୀୟ ଓ ବିଧି ଓ ଶାସନ ଓ ଆଜ୍ଞାସକଳ ପାଳନ କରିବ'' (ଦ୍ୱି.ବିବ. ୧୧:୧) । ପୁରାତନ ନିୟମର ପ୍ରମୁଖ ଭାବବାଦୀ ମୀଖା କହିଛନ୍ତି ଯେ, ମନୁଷ୍ୟ ଯେପରି ନ୍ୟାୟାଚରଣ କରିବ, ଦୟାକୁ ଭଲ ପାଇବ ଓ ନମ୍ର ଭାବରେ ଈଶ୍ୱରଙ୍କ ସହିତ ଗମନାଗମନ କରିବ, ଏହା ଈଶ୍ୱର ମନୁଷ୍ୟଠାରୁ ଆବଶ୍ୟକ କରନ୍ତି (ମୀଖା ୬:୮) । ଏହି ସମସ୍ତ ଘୋଷଣାରେ, ''ଆବଶ୍ୟକ କରିବା'' ଶବ୍ଦଟି ଆମର ଅନୁବାଦରେ ବ୍ୟବହୃତ ହୋଇଛି । ମାତ୍ର ମୂଳ ହିବ୍ରୁ ବାଇବଲରେ, ଯଦିଓ ସେଗୁଡ଼ିକ ସମାନ ଅର୍ଥ ପ୍ରଦାନ କରନ୍ତି, ତଥାପି ଗୁରୁତ୍ୱାରୋପର ଗୋଟିଏ ଭିନ୍ନତା ରହିଛି ।

ଦ୍ୱିତୀୟ ବିବରଣରେ ଉଲ୍ଲିଖିତ ହିବ୍ରୁ ଶବ୍ଦଟିର ଅର୍ଥ, ''ଏହା ହିଁ ଈଶ୍ୱର ଅନ୍ୱେଷଣ କରନ୍ତି ।'' ଅନ୍ୟ ଭାଷାରେ, ଏହା ହିଁ ଈଶ୍ୱର ମାଗନ୍ତି । ମାତ୍ର ମୀଖା ଏହା ଉପରେ ଅଧିକ ବଳ ପ୍ରୟୋଗ କରିଛନ୍ତି, ''ଏହା ଉପରେ ଈଶ୍ୱର ଅଧିକ ଜୋର୍ ଦେଇଛନ୍ତି ।'' ଯେତେବେଳେ ବ୍ୟବସ୍ଥା

ପ୍ରଦତ୍ତ ହେଲା, ସେତେବେଳେ ଈଶ୍ୱର କ'ଣ ଚାହାଁନ୍ତି, ଏହା ସରଳ ଭାଷାରେ ସେଥିରେ ଘୋଷଣା କରାଯାଇଥିଲା । ମାତ୍ର ବ୍ୟବସ୍ଥା ଉଲ୍ଲଙ୍ଘନ ହେବା ପରଠାରୁ, ମନୁଷ୍ୟ ଈଶ୍ୱରଙ୍କ ସହିତ ଗମନାଗମନ କରିବ, ନ୍ୟାୟାଚରଣ କରିବ ଓ ଦୟାକୁ ଭଲ ପାଇବ ବୋଲି ଈଶ୍ୱର ଗୁରୁତ୍ୱାରୋପ କରିଛନ୍ତି – ଏହା ମୀଖା ଜଣାଇଛନ୍ତି ।

ଆମେ ନୂତନ ନିୟମରେ ଯୀଶୁଙ୍କ ବାକ୍ୟରେ ଈଶ୍ୱରଙ୍କ ଆବଶ୍ୟକତାଗୁଡ଼ିକୁ ଜାଣିପାରୁ । ଜଣେ ବ୍ୟବସ୍ଥା ଶାସ୍ତ୍ରଜ୍ଞଙ୍କର ସମାଲୋଚନାମୂଳକ ପ୍ରଶ୍ନର ଉତ୍ତରରେ ଯୀଶୁ କହିଥିଲେ, ''ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ, ଆପଣା ଈଶ୍ୱରଙ୍କୁ ପ୍ରେମ କର । ଏହା ହିଁ ଶ୍ରେଷ୍ଠ ଓ ପ୍ରଥମ ଆଜ୍ଞା । ଦ୍ୱିତୀୟଟି ଏହାର ସଦୃଶ, ତୁମ୍ଭେ ଆପଣା ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କର । ଏହି ଦୁଇ ଆଜ୍ଞା ଉପରେ ସମସ୍ତ ବ୍ୟବସ୍ଥା ଓ ଭାବବାଦୀମାନଙ୍କର ଧର୍ମଶାସ୍ତ୍ର ନିର୍ଭର କରେ'' (ମାଥିଉ ୨୨:୩୭-୪୦) । ମୋଶା ଓ ମୀଖା ଯାହା କହିଥିଲେ, ତାହା ଏଥିରେ ନିହିତ ଅଛି, ''ତୁମ୍ଭେ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କୁ ପ୍ରେମ କରିବ ... ତୁମ୍ଭେ ଆପଣା ପ୍ରତିବାସୀକୁ ଆତ୍ମ ତୁଲ୍ୟ ପ୍ରେମ କରିବ ।''

ଅନ୍ୟ ଗୋଟିଏ ସ୍ଥାନରେ ଏହି ବିଷୟକୁ ବର୍ଣ୍ଣନା କରି ଯୀଶୁ କହିଥିଲେ, ''ଅତଏବ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ଯେପରି ସିଦ୍ଧ, ତୁମ୍ଭେମାନେ ମଧ୍ୟ ସେହିପରି ସିଦ୍ଧ ହୁଅ'' (ମାଥିଉ ୫:୪୮) । ''ସିଦ୍ଧ'' ଶବ୍ଦର ଅର୍ଥ କ'ଣ ? ଏହା ପାପର ଠିକ୍ ବିପରୀତ । ନୂତନ ନିୟମରେ ''ପାପ'' ''ଲକ୍ଷ୍ୟ ଭ୍ରଷ୍ଟ ହେବା'' ପ୍ରତି ସୂଚିତ ହୁଏ । ସିଦ୍ଧର ମୂଳ ଅର୍ଥ ହେଉଛି ଲକ୍ଷ୍ୟ ସ୍ଥଳକୁ ଆଘାତ କରିବା । ସିଦ୍ଧ ହେବାର ଅର୍ଥ, ''ତୁମ୍ଭେ ଲକ୍ଷ୍ୟ ଭ୍ରଷ୍ଟ ନ ହୋଇ ଏହାକୁ ଆଘାତ କରିବ । ତୁମ୍ଭେ ଯାହା ହୁଅ ବୋଲି ଈଶ୍ୱର ଚାହିଁଥିଲେ, ଠିକ୍ ତାହା ହେବ ।''

ଏହି ଶବ୍ଦଗୁଡ଼ିକରେ କି ପରିପ୍ରକାଶ ଅଛି ? ଈଶ୍ୱର ପ୍ରତ୍ୟେକ ମନୁଷ୍ୟଠାରୁ ସିଦ୍ଧତା, ଆଦର୍ଶ ସମ୍ବନ୍ଧୀରେ ଉପଲବ୍ଧତା ଆବଶ୍ୟକ କରନ୍ତି । ତାହାହିଁ ଈଶ୍ୱରଙ୍କର ପ୍ରଥମ ଆବଶ୍ୟକତା ଅଟେ । ଈଶ୍ୱର ମୋତେ ଯାହା ହେବା ପାଇଁ ନିର୍ମାଣ କରିଥିଲେ, ତାହା ମୁଁ ହୁଏ ବୋଲି ଈଶ୍ୱର ମୋ'ଠାରୁ ଆଶା କରନ୍ତି । ତାହା ହିଁ ସିଦ୍ଧତା ।

ଆମେ ସ୍ୱର୍ଗଦୂତ ହେଉ ବୋଲି ଈଶ୍ୱର ଆମଠାରୁ ଆଶା କରନ୍ତି ନାହିଁ, କାରଣ ସେ ଆମକୁ ଦୂତର ସ୍ୱଭାବ ଦେଇ ନାହାଁନ୍ତି । ଜଣେ ମନୁଷ୍ୟ ମନୁଷ୍ୟ ହୋଇ ରହୁ ବୋଲି ସେ ଆଶା କରନ୍ତି ଗୋଟିଏ ଶିଶୁ ଶିଶୁ ଭଳି ରହୁ ବୋଲି ସେ ଆଶା କରନ୍ତି । ଯଦି ଗୋଟିଏ ଶିଶୁ ତା'ର ଶିଶୁ ସୁଲଭ ସ୍ୱଭାବ ହରାଇ ଦିଏ, ତେବେ ତାକୁ ଆଉ ଶିଶୁ ବୋଲି କୁହାଯାଏ ନାହିଁ । ତାଙ୍କର ସମସ୍ତ ସୃଷ୍ଟି ତାଙ୍କର ସିଦ୍ଧ ଇଚ୍ଛା ସାଧନ କରୁ ବୋଲି ଈଶ୍ୱର ଆଶା କରନ୍ତି ।

ସିଦ୍ଧ ହେବାର ଆବେଗ ମାନବିକତା ପ୍ରତି ସାଧାରଣ ଅଟେ । ଆପଣ ଏପରି ଜଣେ ମନୁଷ୍ୟକୁ ପାଇପାରିବେ ନାହିଁ, ଯାହାର କୌଣସି ପ୍ରକାରେ ସିଦ୍ଧତା ପାଇଁ ଆଗ୍ରହ ନାହିଁ । କେବଳ ଜଣେ ଖ୍ରୀଷ୍ଟିଆନ ସିଦ୍ଧତା ପ୍ରାପ୍ତିକୁ ଉପଲଭ୍ୟ ବୋଲି ବିଚାର କରେ ନାହିଁ । ଏପରି ଗୋଟିଏ ବାଳକ କିମ୍ବା ବାଳିକା ନାହିଁ ଯିଏ କିଛି ହେବା ପାଇଁ କିମ୍ବା କରିବା ପାଇଁ ସ୍ୱପ୍ନ ଦେଖି ନାହିଁ ? ହୁଏତ ଆପଣ ସେମାନଙ୍କୁ ପରିହାସ କରିବେ କିମ୍ବା ବାଧା ଦେବେ । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ, ଲକ୍ଷ୍ୟ ସ୍ଥଳକୁ ଆଘାତ କରିବା ପାଇଁ ଏହା ସେମାନଙ୍କ ହୃଦୟର ଏକ ଆଗ୍ରହ, ଏକ ଇଚ୍ଛା ହୋଇପାରେ । ସିଦ୍ଧତା ପାଇଁ ଆଗ୍ରହ ସିଦ୍ଧତାର ସମ୍ଭାବନା ସମ୍ବନ୍ଧୀୟ ଏକ ସୂଚନା ଅଟେ । ଈଶ୍ୱର ଜଣେ ମନୁଷ୍ୟ ପାଇଁ ଯାହା ଉଦ୍ଦେଶ୍ୟ ରଖିଛନ୍ତି, ତାହାଠାରୁ ଊଣା ବିଷୟରେ ସନ୍ତୁଷ୍ଟ ହେବା ତା'ର ଉଚିତ୍ ନୁହେଁ । ପ୍ରତ୍ୟେକ ମନୁଷ୍ୟ ତାହା ହେଉ ବୋଲି ଈଶ୍ୱର ଆଶା କରନ୍ତି । ମନୁଷ୍ୟ ଯେପରି ତାଙ୍କ ସହିତ ଗମନାଗମନ କରିବ, ନ୍ୟାୟାଚରଣ କରିବ ଓ ଦୟାକୁ ଭଲ ପାଇବ ଓ ତାଙ୍କ ସହିତ ମିଳନରେ ଜୀବନ କାଟିବା ଦ୍ୱାରା ସେଗୁଡ଼ିକୁ ସଫଳ କରିବ, ଏହା ସେ ଆବଶ୍ୟକ କରନ୍ତି ଓ ଏହା ଉପରେ ଗୁରୁତ୍ୱ ଦିଅନ୍ତି । ଆଦର୍ଶ ଆବଶ୍ୟକତାର ଅର୍ଥ ଏହା ଅଟେ ବୋଲି ମୁଁ କହେ ।

ଈଶ୍ୱରଙ୍କର ଆଦର୍ଶ ଆବଶ୍ୟକତା ସମ୍ବନ୍ଧୀୟ ଜ୍ଞାନ ଆମକୁ ପାପ ସମ୍ବନ୍ଧୀୟ ଚେତନା ଦିଗରେ କଢ଼ାଇ ନିଏ, କାରଣ ଆମେ ଈଶ୍ୱରଙ୍କର ସ୍ୱର୍ଗୀୟ, ସିଦ୍ଧ ଆଦର୍ଶରୁ ଊଣା ପଡୁ ବୋଲି ଆମେ ଜାଣୁ । ଯେଉଁ ବ୍ୟକ୍ତି ତା'ର ଆଦର୍ଶଗତ କ୍ଷିତିକୁ ହୃଦୟଙ୍ଗମ କରିବ, ସେ ସେହି କ୍ଷେତ୍ରଗୁଡ଼ିକୁ ବୁଝିବ ଯେଉଁଠାରେ ସେ ଲକ୍ଷ୍ୟପ୍ରାପ୍ତିରେ ବିଫଳ ହୋଇଛି । ଯେତେବେଳେ ପିଲାତ ଯିହୁଦୀ ଯାଜକମାନଙ୍କର ଚକ୍ଷୁ ପ୍ରତି ଦୃଷ୍ଟିପାତ କରି ସେମାନଙ୍କୁ କହିଥିଲେ, ''ଆମ୍ଭେ ଯାହା ଲେଖିଅଛୁ, ତାହା ଲେଖିଅଛୁ'', ସେତେବେଳେ ଏହା ହୁଏତ ତାଙ୍କର ଅହଙ୍କାର ପ୍ରକାଶ କରୁଥିବା ଏକ ବାକ୍ୟ ଭଳି ମନେ ହୋଇପାରେ । ମାତ୍ର ଅନ୍ୟ ପକ୍ଷରେ, ସେ ଯାହା ଅନୁଭବ କରିଥିବେ, ସେହି ବାକ୍ୟରେ ତା' ଅପେକ୍ଷା ଅଧିକ ଗଭୀର ଅର୍ଥ ରହିଛି । ସରଳ ଭାବରେ ଏହା ସୂଚାଏ ଯେ ମୁଁ ଯାହା କରିଅଛି, ତାହାକୁ କୌଣସି ମୂଲ୍ୟ ବିନିମୟରେ ଅନ୍ୟଥା କରାଯାଇପାରିବ ନାହିଁ । ଅତୀତର ବିଫଳତାଗୁଡ଼ିକୁ ଆଦୌ ଅନ୍ୟଥା କରାଯାଇ ପାରିବ ନାହିଁ ।

କେତେକ ହୁଏତ ଜଗତର ଆଦର୍ଶ ଅନୁସାରେ ନିର୍ଦ୍ଦୋଷ ଦେଖା ଯାଇ ପାରନ୍ତି । ମାତ୍ର ଯେତେବେଳେ କେହି ଜଣେ ନିଜକୁ ସେହି ସିଦ୍ଧତାର ଆଦର୍ଶ ସହିତ ତୁଳନା କରେ, ଯେଉଁଥିପାଇଁ ଈଶ୍ୱର ତାକୁ ସୃଷ୍ଟି କରିଥିଲେ, ସେତେବେଳେ ସେ ତା' ଜୀବନରେ ଥିବା ବିଭିନ୍ନ ତ୍ରୁଟିଗୁଡ଼ିକୁ ବୁଝିପାରେ । ଜଣେ ବ୍ୟକ୍ତି ପାଇଁ ଈଶ୍ୱର ଧାର୍ଯ୍ୟ କରିଥିବା ସିଦ୍ଧତାର ଆଦର୍ଶକୁ ନ ବୁଝିବା ପର୍ଯ୍ୟନ୍ତ ସେ ସ୍ୱୀକାର କରିପାରେ ନାହିଁ, ''ମୁଁ ପାପ କରିଛି କିମ୍ବା ମୁଁ ବିଫଳ ହୋଇଛି ।''

## ଈଶ୍ୱରଙ୍କର ପ୍ରକୃତ ଆବଶ୍ୟକତା

ଈଶ୍ୱର ମୋ' ପରି ଜଣେ ପାପୀଠାରୁ କ'ଣ ଆବଶ୍ୟକ କରନ୍ତି ? ଈଶ୍ୱର ଆମକୁ ନିଜର ବହୁମୂଲ୍ୟ ବଳିଦାନ ମାଧ୍ୟମରେ ପାପକ୍ଷମା ଓ ତାଙ୍କ ପୁନରୁତ୍ଥାନର ବିଜୟ ମାଧ୍ୟମରେ ଶକ୍ତି ଯୋଗାଇଛନ୍ତି । ତାହାରି ଆଲୋକରେ, ଈଶ୍ୱର ଆମଠାରୁ କ'ଣ ଆବଶ୍ୟକ କରନ୍ତି ? ଖ୍ରୀଷ୍ଟ ତାଙ୍କ ଯୁଗର ସମାଲୋଚନାକାରୀ ଲୋକମାନଙ୍କୁ ଉତ୍ତର ଦେଇ କହିଥିଲେ, ''ଈଶ୍ୱର ଯାହାକୁ ପ୍ରେରଣ କରିଅଛନ୍ତି, ତାହାଙ୍କଠାରେ ବିଶ୍ୱାସ କରିବା ହିଁ ଈଶ୍ୱରଙ୍କ କାର୍ଯ୍ୟ ଅଟେ'' (ଯୋହନ ୬:୨୯) । କେତେଜଣ କହନ୍ତି ଯେ ସେମାନେ କର୍ମଦ୍ୱାରା ପରିତ୍ରାଣ ପାଇଅଛନ୍ତି, ଆଉ କେତେଜଣ କହନ୍ତି, କେବଳ ବିଶ୍ୱାସ ବ୍ୟତୀତ ଅନ୍ୟ କିଛି କରିବାକୁ ହେବ ନାହିଁ । ଖ୍ରୀଷ୍ଟ କହନ୍ତି, ''ଈଶ୍ୱର ଯାହାଙ୍କୁ ପ୍ରେରଣ କରିଛନ୍ତି, ତାଙ୍କଠାରେ ବିଶ୍ୱାସ କରିବା ହିଁ ଈଶ୍ୱରଙ୍କ କାର୍ଯ୍ୟ ଅଟେ ।'' ତେବେ କିଏ ଠିକ୍ – ସେମାନେ କିମ୍ବା ଖ୍ରୀଷ୍ଟ ? ଖ୍ରୀଷ୍ଟ ନିଶ୍ଚୟ ଠିକ୍ ଅଟନ୍ତି । ଯୀଶୁ କେବଳ ରାଜା ନୁହଁନ୍ତି, ମାତ୍ର ତ୍ରାଣକର୍ତ୍ତା ମଧ୍ୟ ଅଟନ୍ତି ବୋଲି ସୂଚାଇ ଥିଲେ । ସେମାନଙ୍କ ବିଫଳତା ସମ୍ବନ୍ଧୀୟ ସତ୍ୟକୁ ଉପଲବ୍ଧ କରି ଓ ସେମାନଙ୍କର ପାପ ସମ୍ବନ୍ଧରେ ଜାଣି, ଯୀଶୁ କହିଥିଲେ ଯେ ଯଦି ସେମାନେ ତାଙ୍କଠାରେ ବିଶ୍ୱାସ କରିବେ, ତେବେ ସେମାନେ ଈଶ୍ୱରଙ୍କ କାର୍ଯ୍ୟ କରିବେ । ସେମାନେ ଯାହା କରନ୍ତୁ ବୋଲି ଈଶ୍ୱର ଚାହାଁନ୍ତି, ତାହା କରିବା ପାଇଁ ଈଶ୍ୱର ଆବଶ୍ୟକୀୟ ଶୁଚିତା, ନୂତନ ଜନ୍ମ ଓ ଶକ୍ତି ଯୀଶୁଙ୍କଠାରେ ଯୋଗାଇଥିଲେ । ସେଥିପାଇଁ, ମନୁଷ୍ୟ ଯେ ତାଙ୍କଠାରେ ବିଶ୍ୱାସ କରିବା ଉଚିତ – ଏହା ତା'ର ପ୍ରାରମ୍ଭିକ ଦାୟିତ୍ୱ ଅଟେ ।

ତାଙ୍କଠାରେ ବିଶ୍ୱାସ କରିବାର ଅର୍ଥ, ତାଙ୍କର ଦାବୀକୁ ଶୁଣିବା ଓ ଏହା ସତ୍ୟ ବୋଲି ଜାଣି ଏହାକୁ ପାଳନ କରିବା । ଏହା ହିଁ ଈଶ୍ୱର ସେହି ମନୁଷ୍ୟମାନଙ୍କଠାରୁ ଆବଶ୍ୟକ କରନ୍ତି ଯେଉଁମାନେ ପାପ କରି ବିଫଳ ହୋଇଛନ୍ତି । ଈଶ୍ୱର ଯାହାଙ୍କୁ ପ୍ରେରଣ କରିଥିଲେ, ତାଙ୍କୁ ଆମେ ବିଶ୍ୱାସ କରୁ, ତାଙ୍କ ନିକଟରେ ନିଜ ନିଜକୁ ସମର୍ପଣ କରୁ ବୋଲି ଈଶ୍ୱର ଚାହାଁନ୍ତି ।

ଏହି ସର୍ତ୍ତଗୁଡ଼ିକର ପରିପ୍ରକାଶ ହେଉଛି – ଜଣେ ମନୁଷ୍ୟ ନିଜର ପୁନର୍ନିର୍ମାଣ ପାଇଁ ଯାହା ଆବଶ୍ୟକ କରେ, ତାହା ଯୀଶୁ ଖ୍ରୀଷ୍ଟଙ୍କଠାରେ ଯୋଗାଇ ଦିଆଯାଇଛି । ଈଶ୍ୱର ଯାହା ଯୋଗାଇଛନ୍ତି, ମନୁଷ୍ୟ ଯେପରି ତାହା ଗ୍ରହଣ କରିବ, ଏହା ଈଶ୍ୱର ଆବଶ୍ୟକ କରନ୍ତି । ''ସେ ଆପଣା ରାଜ୍ୟକୁ ଆସିଲେ, ତଥାପି ତାହାଙ୍କର ନିଜ ଲୋକମାନେ ତାଙ୍କୁ ଗ୍ରହଣ କଲେ ନାହିଁ । ମାତ୍ର ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍ ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେ ସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ, ସେମାନେ ରକ୍ତରୁ, ଶରୀରର

ଇଚ୍ଛାରୁ ଅବା ମନୁଷ୍ୟର ଇଚ୍ଛାରୁ ଜାତ ହେଲେ ନାହିଁ, ବରଂ ଈଶ୍ୱରଙ୍କଠାରୁ ଜାତ ହେଲେ'' (ଯୋହନ ୧:୧୧-୧୩) ।

ଏହି ଅନୁଚ୍ଛେଦରେ, ଯୋହନ ଦୁଇଟି ଶବ୍ଦ ''ଗ୍ରହଣ'' ଓ ''ବିଶ୍ୱାସ'' ବ୍ୟବହାର କରିଛନ୍ତି ଓ ଏହା ଦର୍ଶାଇଛନ୍ତି ଯେ ସେହି ଦୁଇଟି ସମାନ ପଦ ଅଟେ । ଯେଉଁମାନେ ତାଙ୍କୁ ଗ୍ରହଣ କରନ୍ତି ସେମାନେ ତାଙ୍କ ନାମରେ ବିଶ୍ୱାସ କରନ୍ତି । ଯୀଶୁଙ୍କଠାରେ ବିଶ୍ୱାସ କରିବାର ଅର୍ଥ ତାଙ୍କୁ ଗ୍ରହଣ କରିବା ।

ସେ ମୋର ପାପ ପାଇଁ ଖ୍ରୀଷ୍ଟଙ୍କଠାରେ କ୍ଷମା ଓ ଅଗ୍ରସର ହୋଇ ପାପ ନ କରିବା ପାଇଁ ଶକ୍ତି ଯୋଗାଇଛନ୍ତି । ବର୍ତ୍ତମାନ ସେ ମୋ'ଠାରୁ କ'ଣ ଆବଶ୍ୟକ କରନ୍ତି ? ସେ ମୋତେ ଯାହା ଯୋଗାଇଛନ୍ତି, ତାହାକୁ ମୁଁ ଯେପରି ଗ୍ରହଣ କରିବି, ଯାହାଙ୍କୁ ସେ ପ୍ରଦାନ କରିଛନ୍ତି, ତାହାଙ୍କୁ ଯେପରି ରାଜା ଭାବରେ ବିଭୂଷିତ କରିବି, ଯାହାକୁ ସେ ପ୍ରେରଣ କରିଛନ୍ତି, ତାହାଙ୍କୁ ଯେପରି ତ୍ରାଣକର୍ତ୍ତା ଭାବରେ ବିଶ୍ୱାସ କରିବି ଓ ମୋ' ସମ୍ମୁଖରେ ରଖାଯାଇଥିବା ଅନନ୍ତ ଜୀବନକୁ ଗ୍ରହଣ କରିବି, ଏହା ସେ ଆବଶ୍ୟକ କରନ୍ତି । ତାହା ପାପୀ ମନୁଷ୍ୟର ପ୍ରଥମ ଆବଶ୍ୟକତା ଅଟେ । ଈଶ୍ୱର ଅନୁତାପ କରିବା ପାଇଁ ଓ ତାଙ୍କ ଦ୍ୱାରା ପ୍ରେରିତ, ପୁତ୍ରଙ୍କଠାରେ ବିଶ୍ୱାସ କରିବା ପାଇଁ ଏକ ଉପାୟ ପ୍ରକାଶ କରି ଓ ସମସ୍ତ ମନୁଷ୍ୟଙ୍କୁ ଶକ୍ତି ଯୋଗାଇ ଜଣେ ପର୍ଯ୍ୟାପ୍ତ ତ୍ରାଣକର୍ତ୍ତାଙ୍କୁ ପ୍ରଦାନ କରିଛନ୍ତି ।

ପ୍ରକୃତ ଆବଶ୍ୟକତା ଆଦର୍ଶଗତ ଆବଶ୍ୟକତାର ସଫଳ ରୂପାୟନ ବ୍ୟତୀତ ଅନ୍ୟ କିଛି ନୁହେଁ । ଈଶ୍ୱର ଆପଣଙ୍କ ପାଇଁ କିମ୍ବା ମୋ' ପାଇଁ ତାଙ୍କର ଆଦର୍ଶ ଆବଶ୍ୟକତାକୁ କେବେ ହେଲେ ଛାଡ଼ି ଦେଇ ନାହାଁନ୍ତି । ସେ ଆମ ଜୀବନରେ ସିଦ୍ଧତାରୁ କିଛି ଊଣା ବିଷୟ ନେବା ପାଇଁ ସମ୍ମତ ହେବେ ନାହିଁ । ଯେ କେହି ସିଦ୍ଧତାରୁ ଊଣା ପଡ଼େ, ତାକୁ ସ୍ୱର୍ଗ ମଧ୍ୟରେ ପ୍ରବେଶ କରିବା ପାଇଁ ଈଶ୍ୱର ଅନୁମତି ଦେବେ ନାହିଁ । ଏହା ଈଶ୍ୱରଙ୍କର ସ୍ୱର୍ଗୀୟ ଯୋଜନା ଅଟେ ଯେ ମନୁଷ୍ୟଙ୍କୁ ଖ୍ରୀଷ୍ଟ ଯୀଶୁଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ସିଦ୍ଧତା ଲାଭ କରିବାକୁ ହେବ ।

ଯିହୁଦା ୨୪ରେ ଆମକୁ କୁହାଯାଇଛି ଯେ ପ୍ରଭୁ ସିଦ୍ଧତାଠାରୁ କୌଣସି ଊଣା ବିଷୟ ଗ୍ରହଣ କରନ୍ତି ନାହିଁ - ''ଯେ ତୁମ୍ଭମାନଙ୍କୁ ସ୍ଖଳନରୁ ରକ୍ଷା କରିବାକୁ, ପୁଣି ଆପଣା ଗୌରବ ସମ୍ମୁଖରେ ମହାନନ୍ଦରେ ନିର୍ଦ୍ଦୋଷରୂପେ ଉପସ୍ଥିତ କରିବାକୁ ସକ୍ଷମ ...।'' ଯେତେବେଳେ ଆମେ ଆମ ତ୍ରାଣକର୍ତ୍ତାଙ୍କ ନିକଟରେ ନିଜ ନିଜକୁ ସଂପୂର୍ଣ୍ଣରୂପେ ସମର୍ପଣ କରିବା, ସେତେବେଳେ ସେ ଆମର ନକାରାତ୍ମକ ବିଷୟଗୁଡ଼ିକୁ, ଊଣାର ବିଷୟଗୁଡ଼ିକୁ ଓ ଯେଉଁ କ୍ଷେତ୍ରରେ ଆମେ ବିଫଳ ହେଉ, ସେଗୁଡ଼ିକୁ ସଠିକ୍ କରିବେ ଓ ଏହାଦ୍ୱାରା ଆମେ ସିଦ୍ଧତା ଲାଭ କରିପାରିବା ।

କିନ୍ତୁ, ଖ୍ରୀଷ୍ଟଙ୍କଠାରେ ପ୍ରଥମ ବଶ୍ୟତା ସଙ୍ଗେ ସଙ୍ଗେ ସିଦ୍ଧତାକୁ ସଫଳ କରେ ନାହିଁ । ତାର୍ଷ ନଗରର ଶାଉଲଙ୍କୁ ପ୍ରେମ ଓ ଜୀବନର ପ୍ରଭୁ ଦମ୍ମେଶକ ରାସ୍ତାରେ ଆଘାତ କରିଥିଲେ । ଯେଉଁ ପାଉଲ ୩୦ ବର୍ଷ ଧରି ଏକ ଧାର୍ମିକ ଜୀବନ କାଟିଥିଲେ ଓ ପ୍ରଭୁଙ୍କ ପାଇଁ ମହତ୍ତର ବିଷୟଗୁଡ଼ିକୁ ଲାଭ କରିଥିଲେ, ସେ ଫିଲିପ୍ପୀୟମାନଙ୍କ ନିକଟକୁ ଲେଖିଥିବା ପତ୍ରରେ କହିଥିଲେ, ''ମୁଁ ଯେ ଏବେ ସେହି ସମସ୍ତ ପ୍ରାପ୍ତ ହୋଇଅଛି ଅବା ସିଦ୍ଧିଲାଭ କରିଅଛି, ତାହା ନୁହେଁ, କିନ୍ତୁ ମୁଁ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ଧୃତ ହୋଇଥିବାରୁ ତାହା ଧରିବା ପାଇଁ ଦୌଡ଼ୁଅଛି'' (ଫିଲିପ୍ପୀ ୩:୧୨) । ତିରିଶ ବର୍ଷର ଖ୍ରୀଷ୍ଟୀୟ ଅନୁଭୂତି ଓ କୃତିତ୍ୱ, ଅଗ୍ନି, ଉଲଙ୍ଗତା, ବିପଦ, ଖଡ୍ଗ ଭଳି ନାନା ପ୍ରକାର କ୍ଲେଶ, ଅଥଚ ସେ ପର୍ଯ୍ୟନ୍ତ ସିଦ୍ଧି ପ୍ରାପ୍ତ ହୋଇ ନ ଥିଲେ ।

ମୋର ପ୍ରିୟ ବନ୍ଧୁମାନେ, ଆପଣମାନଙ୍କୁ ମୁଁ ଏହା ସ୍ମରଣ କରାଇ ଦେବାକୁ ଚାହେଁ ଯେ ଏହି ସିଦ୍ଧତା ସଙ୍ଗେ ସଙ୍ଗେ ରୂପାୟିତ ହୁଏ ନାହିଁ । ମାତ୍ର ଏଥିପାଇଁ ଆବଶ୍ୟକ ହେଉଥିବା ଯଥାର୍ଥ ଶକ୍ତି ସଙ୍ଗେ ସଙ୍ଗେ ମିଳିପାରେ । ପାଉଲ ଯେଉଁ ପତ୍ରରେ କହିଥିଲେ ଯେ ସେ ଏପର୍ଯ୍ୟନ୍ତ ପ୍ରାପ୍ତ ହୋଇ ନାହାନ୍ତି, ସେହି ପତ୍ରରେ ସେ ଏହା ମଧ୍ୟ କହିଥିଲେ ଯେ ''ମୋ' ପାଇଁ ଜୀବନ ଧାରଣ ଖ୍ରୀଷ୍ଟ ଅଟନ୍ତି ।'' ତାଙ୍କ ନିକଟରେ ସେହି ସମସ୍ତ ଶକ୍ତି ଥିଲା, ଯାହା ନିମ୍ନ ବାକ୍ୟରେ ସୂଚିତ ହୋଇଛି, ''ଗୋଟିଏ ବିଷୟ ମୁଁ କରୁଅଛି, ପଶ୍ଚାତ୍ ବିଷୟ ସବୁ ମନରୁ ଦୂର କରି ସମ୍ମୁଖରେ ଥିବା ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ରଖି ଖ୍ରୀଷ୍ଟ ଯୀଶୁଙ୍କଠାରେ ସ୍ୱର୍ଗୀୟ ଆହ୍ୱାନର ପଣ ପାଇବା ନିମନ୍ତେ ପ୍ରାଣପଣ କରି ଲକ୍ଷ୍ୟସ୍ଥଳକୁ ଦୌଡ଼ୁଅଛି'' (ଫିଲିପ୍ପୀ ୩:୧୩,୧୪) । ସେ ଏହି ପଦ ଦ୍ୱାରା ଏହା ସୂଚିତ କରିଛନ୍ତି ଯେ ସେ ମଣ୍ଡଳୀକୁ ତାଡ଼ନା କରିବା କାର୍ଯ୍ୟରେ ଯେଉଁ ସବୁ ଉତ୍ସାହ, ଯେଉଁସବୁ ଆବେଗ ଓ ଆଗ୍ରହ ପ୍ରୟୋଗ କରିଥିଲେ, ସେଗୁଡ଼ିକୁ ବର୍ତ୍ତମାନ ସେ ଲକ୍ଷ୍ୟ ପ୍ରାପ୍ତିରେ ଓ ସେ ଯାହା ହୁଅନ୍ତୁ ବୋଲି ଈଶ୍ୱର ଇଚ୍ଛା କରିଥିଲେ, ତାହା ହେବାରେ ବିନିଯୋଗ କରୁଛନ୍ତି ।

ହୁଏତ ଏହି ଶିକ୍ଷାକୁ ପାଠ କରୁଥିବା କେତେ ଜଣ ବ୍ୟକ୍ତି ମୋ' ଅପେକ୍ଷା ଅଧିକ ବର୍ଷ ଧରି ଖ୍ରୀଷ୍ଟିଆନ ହୋଇ ରହିଛନ୍ତି । ହୁଏତ ଆପଣମାନଙ୍କ ମଧ୍ୟରୁ କେତେ ଜଣ ମୋ' ଅପେକ୍ଷା ପ୍ରଭୁଙ୍କ ପ୍ରତି ଅଧିକ ବିଶ୍ୱସ୍ତ ଅଟନ୍ତି । ଆପଣମାନେ ମୋତେ ନିଶ୍ଚୟ ଏହା କହିବେ ଯେ ମୁଁ ଏ ପର୍ଯ୍ୟନ୍ତ ସିଦ୍ଧି ଲାଭ କରି ନାହିଁ । ମୁଁ ସେହି ଲୋକମାନଙ୍କ ନିକଟକୁ ମଧ୍ୟ ଲେଖୁଅଛି ଯେଉଁମାନେ ଏବେ ଏବେ ଖ୍ରୀଷ୍ଟୀୟ ଜୀବନ ଆରମ୍ଭ କରିଛନ୍ତି । ଦୟାକରି, ଏହା ମନେରଖନ୍ତୁ ଯେ ଆପଣଙ୍କ ନିକଟରେ ସେହି ସମସ୍ତ ବିଷୟ ଅଛି ଯେଉଁଗୁଡ଼ିକ ଚରମ ସିଦ୍ଧତା ପାଇଁ ଆବଶ୍ୟକ ଅଟେ, କାରଣ ଖ୍ରୀଷ୍ଟଙ୍କୁ ଗ୍ରହଣ କରିସାରିବା ପରେ, ଆପଣ ତାଙ୍କୁ ତାଙ୍କର ସମସ୍ତ ସିଦ୍ଧତାରେ ଓ ତାଙ୍କର ସମସ୍ତ ଶକ୍ତିରେ ଧାରଣ କରିଛନ୍ତି ଓ ଶେଷରେ ଯେତେବେଳେ ତାଙ୍କର କାର୍ଯ୍ୟ ସମାପ୍ତ ହେବ, ସେତେବେଳେ ଆପଣ ତାଙ୍କ ସଦୃଶ ହୋଇ ତ୍ରୁଟିଶୂନ୍ୟ ଭାବରେ ଈଶ୍ୱରଙ୍କ ସିଂହାସନ ସମ୍ମୁଖରେ ଉପସ୍ଥିତ ହେବେ । ଏହି ଶକ୍ତି ବିନା ସିଦ୍ଧତା ଅସମ୍ଭବ ଅଟେ । ସେହି ଶକ୍ତି ସହିତ ସିଦ୍ଧତାର ଭରସା ଦିଆଯାଇଛି ।

ବିଶ୍ୱାସ ସିଦ୍ଧତାର ସଫଳ ରୂପାୟନ ପାଇଁ ପ୍ରାଥମିକ ଓ ନିରବଚ୍ଛିନ୍ନ ସ୍ଥିତି ଅଟେ । ଅର୍ଥାତ୍, ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଏକ କାର୍ଯ୍ୟ ନୁହେଁ, ଏହା ଏକ ମନୋଭାବ ଅଟେ । ମୁଁ ୪୦ ବର୍ଷ ଧରି ଖ୍ରୀଷ୍ଟଙ୍କୁ ଗ୍ରହଣ କରିଛି ବୋଲି କହିବା ବିଶ୍ୱାସ ନୁହେଁ, ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆପଣ ବର୍ତ୍ତମାନ ତାଙ୍କଠାରେ ବିଶ୍ୱାସ କରୁଛନ୍ତି କି ? ମୁଁ ଆପଣଙ୍କର ଅତୀତର ଅନୁଭୂତିର ମୂଲ୍ୟକୁ ହ୍ରାସ କରୁ ନାହିଁ । ବିଶ୍ୱାସ ଏକ ମନୋଭାବ ଅଟେ ଓ ଏପରି ଏକ ଦିନ ନାହିଁ, ଯେଉଁ ଦିନ ଆମର ବିଶ୍ୱାସ ମନୋଭାବ ସହିତ ସୁଦ୍ଧା ଆମେ ପାପ କରୁ ନାହୁଁ । ମାତ୍ର ଆମେ ସେଥିପାଇଁ ଆମର ବିଶ୍ୱାସକୁ ପରିତ୍ୟାଗ କରିପାରିବା ନାହିଁ ।

ତାହା ଈଶ୍ୱରଙ୍କ ଆବଶ୍ୟକତା ଅଟେ । ପ୍ରକୃତ ଆବଶ୍ୟକତା ମଧ୍ୟରେ ଆଦର୍ଶଗତ ଆବଶ୍ୟକତା ଅନ୍ତର୍ଭୁକ୍ତ ଅଟେ । ଯେତେବେଳେ ମୁଁ ପ୍ରଭୁଙ୍କଠାରେ ବିଶ୍ୱାସ କରିବି, ସେତେବେଳେ ମୁଁ ମୋର ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କରିବି । ଆମର ପ୍ରେମ ମନୁଷ୍ୟମାନଙ୍କ ପ୍ରତି ପ୍ରକାଶିତ ନ ହେଲେ, ଈଶ୍ୱରଙ୍କ ପ୍ରତି ଆମର ପ୍ରେମର ସଙ୍ଗୀତ ଗାଇବା ପାଇଁ ଆମର କୌଣସି ଅଧିକାର ନାହିଁ । ଯଦି ମୁଁ ମୋ' ଭାଇକୁ ଅଭାବରେ ଥିବା ଦେଖିଲେ ସୁଦ୍ଧା ତା' ପ୍ରତି ମୋର ଦୟା ରୁଦ୍ଧ କରିବି, ତେବେ କିପରି ଈଶ୍ୱରଙ୍କ ପ୍ରେମ ମୋ'ଠାରେ ବାସ କରିବ ? ''ତୁମ୍ଭେମାନେ ସଦାପ୍ରଭୁ ପରମେଶ୍ୱରଙ୍କୁ ପ୍ରେମ କରିବ ... ତୁମ୍ଭେମାନେ ତୁମ୍ଭମାନଙ୍କର ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କରିବ ।'' ଆମେ ଏହି ଆଦର୍ଶ ନିକଟରେ ପହଞ୍ଚୁ ବୋଲି ଈଶ୍ୱର ଚାହାଁନ୍ତି । ଖ୍ରୀଷ୍ଟଙ୍କଠାରେ ଆମର ବିଶ୍ୱାସ ଆମର ପ୍ରେମ ଦ୍ୱାରା ପ୍ରକାଶିତ ହେବ ।

ଆସନ୍ତୁ, ଆମେ ତାଙ୍କଠାରେ ବିଶ୍ୱାସ କରିବା, ତାଙ୍କର ନିରଙ୍କୁଶ ଗୁଣ ନିମନ୍ତେ ଓ ତାଙ୍କର ଶକ୍ତି ନିମନ୍ତେ ତାଙ୍କୁ ବିଶ୍ୱାସ କରିବା । ସେଥିପାଇଁ ବର୍ତ୍ତମାନ ତାଙ୍କ ମୁଖ ପ୍ରତି ସଂପୂର୍ଣ୍ଣ ସମର୍ପଣର ସହିତ ଦୃଷ୍ଟିପାତ କରିବା ଦ୍ୱାରା ଈଶ୍ୱରଙ୍କର ଖ୍ରୀଷ୍ଟ ଆମଠାରେ ଥିବା ତ୍ରୁଟିକୁ ସଂଶୋଧନ କରିବେ । ଆମେ ତାଙ୍କଠାରେ ବିଶ୍ୱାସ କରୁଥିବା ସମୟରେ, ଯେପରି ଈଶ୍ୱରଙ୍କର ଅନ୍ତିମ ଆବଶ୍ୟକତା ପୂରଣ କରିପାରିବୁ, ଏଥିପାଇଁ ତାଙ୍କର ପ୍ରଥମ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ଚେଷ୍ଟିତ ହେଉ । ପ୍ରଭୁ ଆମ ସମସ୍ତଙ୍କୁ ତାଙ୍କର ଅନ୍ତିମ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମକୁ ସାମର୍ଥ୍ୟ ଦିଅନ୍ତୁ । ଆମେନ୍ ।

★★★



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ ଏସ୍. ସାମ୍.ସେଲଭାରାଜଙ୍କ ଜୀବନାନୁଭୂତି)

"ଯେ ପାଠ କରେ , ସେ ବୁଝେ" (ମାଥିଉ ୨୪:୧୫)।

**''... ମୁଁ ଦରିଦ୍ର ଓ ଦୀନହୀନ, ତଥାପି ପ୍ରଭୁ ମୋ' ବିଷୟ ଚିନ୍ତା କରନ୍ତି'' (ଗୀତ ୪୦:୧୭) ।**

ପ୍ରାୟ ୪୬ ବର୍ଷ ପୂର୍ବେ, ଗୋଟିଏ ବଡ଼ ଉଦ୍ଦୀପନା ସଭା ଚେନ୍ନାଇଠାରେ ଅନୁଷ୍ଠିତ ହୋଇଥିଲା । କେତେ ଜଣ ପ୍ରସିଦ୍ଧ ପ୍ରଚାରକ ଦକ୍ଷିଣ ଆଫ୍ରିକାରୁ ଆସିଥିଲେ । ଈଶ୍ୱର ସେମାନଙ୍କ ମାଧ୍ୟମରେ ମହା ଆଶ୍ଚର୍ଯ୍ୟ କର୍ମ ସବୁ ସାଧନ କରିଥିଲେ । ବହୁସଂଖ୍ୟକ ଲୋକ ସେମାନଙ୍କ ଜୀବନରେ ପ୍ରଥମଥର ପାଇଁ ଆଶ୍ଚର୍ଯ୍ୟ କର୍ମ ଦେଖିଥିଲେ ଓ ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର ଶୁଣିଥିଲେ । ମୁଁ ଜଣେ ସ୍ୱେଚ୍ଛାସେବୀ ଭାବରେ ସେମାନଙ୍କୁ ସାହାଯ୍ୟ କରୁଥିଲି ।

ଶେଷ ସଭା ସମାପ୍ତ ହେବା ପରେ, ଏପରି ଦଳେ ଅତିଥି ଓ କାର୍ଯ୍ୟକାରୀ ରହି ଯାଇଥିଲେ ଯେଉଁମାନେ ସଭା ପରିଚାଳନାରେ ସାହାଯ୍ୟ କରିଥିଲେ । ହଠାତ୍, ଦକ୍ଷିଣ ଆଫ୍ରିକାରୁ ଆସିଥିବା ମୁଖ୍ୟ ଅତିଥି ମୋତେ ଡାକି ମୋ' ବିଷୟରେ ପଚାରିଲେ ଓ ସଭା ସମୟରେ ମୁଁ ଯେଉଁ ଆନ୍ତରିକ ଓ କଠିନ ପରିଶ୍ରମ କରିଥିଲି, ଯେପରିକି ବ୍ୟାନର ଲଗାଇବା କାର୍ଯ୍ୟ, ନୂତନ ବନ୍ଧୁମାନଙ୍କୁ ସ୍ୱାଗତ ଜଣାଇବା କାର୍ଯ୍ୟ ଓ ଅଂଶଗ୍ରହଣକାରୀମାନଙ୍କୁ ସାହାଯ୍ୟ କରିବା କାର୍ଯ୍ୟ – ସେଗୁଡ଼ିକର ସେ ପ୍ରଶଂସା କରିଥିଲେ ।

ମୁଁ କେଉଁଠାରୁ ଆସିଛି ଓ ଭାରତରୁ ତାଙ୍କର ପ୍ରସ୍ଥାନ ସମୟରେ ମୁଁ ତାଙ୍କୁ ବିମାନ ବନ୍ଦରରେ ସକାଳ ୪.୦୦ରେ, ଦେଖା କରିପାରିବି କି, ବୋଲି ମଧ୍ୟ ସେ ମୋତେ ପଚାରିଥିଲେ । ମୁଁ ତାଙ୍କୁ ଉତ୍ତର ଦେଇଥିଲି ଯେ ମୋ' ପାଖରେ ଖଣ୍ଡେ ଅତି ପୁରୁଣା ସାଇକଲ୍ ଅଛି ଓ ମୋ' ଘରଠାରୁ ବିମାନ ବନ୍ଦରକୁ ପ୍ରାୟ ୨୫କି.ମି. ରାସ୍ତା ଅତିକ୍ରମ କରିବା ପାଇଁ ତାହା ଏତେ ଉତ୍ତମ ଅବସ୍ଥାରେ ନାହିଁ । ସେଥିପାଇଁ ଏତେ ସକାଳୁ ତାଙ୍କୁ ଦେଖା କରିବା ମୋ' ପକ୍ଷରେ ଅସମ୍ଭବ ଥିଲା ।

ସଙ୍ଗେ ସଙ୍ଗେ, ସେ ଚତୁର୍ଦ୍ଦିଗକୁ ଦୃଷ୍ଟିପାତ କରି ସେହି ସହରର ଜଣେ ବଡ଼ ପ୍ରଚାରକଙ୍କୁ ଦେଖିଲେ ଓ ତାଙ୍କୁ ପାଖକୁ ଡ଼ାକି କହିଲେ, ''ଏ ହେଉଛନ୍ତି ଭାଇ ସାମ୍ ସେଲ୍ଭା ରାଜ୍ । ସେ ସ୍ୱେଚ୍ଛାରେ ଅତି ଉତ୍ତମ କାର୍ଯ୍ୟ କରିଥିବାର ମୁଁ ଲକ୍ଷ୍ୟ କରିଛି । ତାଙ୍କଠାରେ କିଛି ବିଶେଷତାକୁ ମଧ୍ୟ ମୁଁ ଦେଖିପାରିଛି । ମୁଁ ଭାରତ ଛାଡ଼ିବା ପୂର୍ବରୁ ତାଙ୍କ ସହିତ ବିମାନ ବନ୍ଦରରେ କିଛି ସମୟ କାଟିବା ପାଇଁ ଇଚ୍ଛା କରୁଅଛି । ସେ ଅତି ଦରିଦ୍ର ଓ ଆସନ୍ତା କାଲି ଅତି ପ୍ରତ୍ୟୁଷରୁ ବିମାନ ବନ୍ଦରକୁ ଯିବା ପାଇଁ ତାଙ୍କ ପାଖରେ କିଛି ଉତ୍ତମ ଯାନର ସୁବିଧା ନାହିଁ । ସେଥିପାଇଁ ଯଦି ଆପଣ କାଲି ନିଜ ଗାଡ଼ିରେ ତାଙ୍କୁ ଆଣିପାରିବେ, ତେବେ ମୁଁ ଖୁସି ହେବି ।'' ମାତ୍ର ସେହି ପ୍ରଚାରକ ମୋ' ପ୍ରତି କ୍ରୋଧାନ୍ୱିତ ହେଲେ ଓ ମୁଖ୍ୟ ଅତିଥିଙ୍କୁ କହିଲେ, ''ଏହି ବ୍ୟକ୍ତିଙ୍କୁ ଆଣିବା ପାଇଁ ମୋ' କାର୍‌ରେ ସ୍ଥାନର ଅଭାବ ହେବ । ବରଂ, ସେ ବିମାନ ବନ୍ଦରକୁ ନ ଆସନ୍ତୁ ।'' ମୁଖ୍ୟ ଅତିଥି ପଚାରିଲେ, ''ଆସନ୍ତା କାଲି ଆପଣଙ୍କ ସହିତ ଆଉ କେହି ଆସୁଛନ୍ତି କି ?'' ସେ ଉତ୍ତର ଦେଲେ, ''ନା, କେହି ଆସୁ ନାହାନ୍ତି, ମାତ୍ର ମୁଁ ଏହି ବ୍ୟକ୍ତିଙ୍କୁ ସାହାଯ୍ୟ କରିପାରିବି ନାହିଁ ।''

ସେହି ଈଶ୍ୱରଙ୍କ ଦାସ, ମୁଖ୍ୟ ଅତିଥି ଏହା ଶୁଣି ଅତି ଆଶ୍ଚର୍ଯ୍ୟ ହୋଇଥିଲେ । ... ସେ ମୋତେ ପାଖକୁ ଡ଼ାକି ମୋ' ମୁଣ୍ଡ ଉପରେ ତାଙ୍କର ହସ୍ତ ରଖିଲେ ଓ ଅଶ୍ରୁର ସହିତ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରି ମୋତେ ମଧ୍ୟ ଭୌତିକ ଆଶୀର୍ବାଦ ପ୍ରଦାନ କରିବା ପାଇଁ ନିବେଦନ କରିଥିଲେ । ସେ ମୋତେ ଆହୁରି କହିଥିଲେ, ''ମୋର ଭାଇ ସାମ୍, ମୁଁ ଏହା ଜାଣେ ଯେ ଆପଣ ସେହି ମହାନ୍ ଈଶ୍ୱରଙ୍କର ଜଣେ ଅତି ନମ୍ର ସେବକ ଅଟନ୍ତି, ଯାହାଙ୍କର ମୁଁ ଆଜି ସେବା କରୁଅଛି । ମୁଁ ଆପଣଙ୍କ ଉପରେ ଓ ଆପଣଙ୍କ ସେବାକାର୍ଯ୍ୟ ଉପରେ ସମୃଦ୍ଧି ଆଜ୍ଞା କରୁଅଛି । ମୁଁ ଯେଉଁ ଈଶ୍ୱରଙ୍କର ସେବା କରୁଅଛି, ସେ ବର୍ତ୍ତମାନ ସ୍ୱର୍ଗର ଦ୍ୱାର ଉନ୍ମୁକ୍ତ କରି, ଭାରତରେ ଆପଣଙ୍କ ସେବାକାର୍ଯ୍ୟ ପାଇଁ ଆପଣଙ୍କୁ ଅନେକ ଗାଡ଼ି ଓ ସମସ୍ତ ପ୍ରକାର ଉପକରଣ ଦେଇ ଆଶୀର୍ବାଦ କରିବେ । ଯେଉଁ ଭାଇ ଆସନ୍ତା କାଲି ବିମାନ ବନ୍ଦରକୁ ଆସୁଥିଲେ ସୁଦ୍ଧା ଆପଣଙ୍କୁ ନିଜ ସହିତ ଆଣିବାକୁ ଇଚ୍ଛା କଲେ ନାହିଁ, ତାଙ୍କୁ ଆପଣ ଘୃଣା କରିବେ ନାହିଁ ।

ଏହି ଅନୁଭୂତି ମୋତେ ଯନ୍ତ୍ରଣା ଦେଇ ନ ଥିଲା । ମାତ୍ର ଈଶ୍ୱର ତାଙ୍କର ଦାସଙ୍କ ମାଧ୍ୟମରେ ଯେଉଁ ଆଶୀର୍ବାଦଯୁକ୍ତ ବାକ୍ୟ କହିଥିଲେ, ତଦ୍ଦ୍ୱାରା ମୁଁ ତାଙ୍କ ପ୍ରତି କୃତଜ୍ଞ ହୋଇଥିଲି । ସମୟ ବିତିଯାଇଛି, ମାତ୍ର ଈଶ୍ୱର ଅତି ବିଶ୍ୱସ୍ତ ଭାବରେ ମୋତେ ମନ ମଧ୍ୟରେ ରଖିଥିଲେ । ପରେ ଈଶ୍ୱର ତାଙ୍କର ସେବାକାର୍ଯ୍ୟ ପାଇଁ ମୋତେ ଅନେକ ଯାନବାହନ ଓ ସମସ୍ତ ଆବଶ୍ୟକୀୟ ଉପକରଣ ପ୍ରଦାନ କରିଥିଲେ । ଆମର ନିଜ ଗାଡ଼ି ବ୍ୟବହାର କରି ସେହି ବିମାନ ବନ୍ଦରକୁ ଅନେକ ଥର ଯିବା ପାଇଁ ଈଶ୍ୱର ମୋତେ ଓ ମୋର ସହକର୍ମୀମାନଙ୍କୁ ସାମର୍ଥ୍ୟ ଦେଇଥିଲେ । ଆମର ଈଶ୍ୱର କେତେ ବିସ୍ମୟଜନକ ! ସେହି ଈଶ୍ୱର ଆଜି ମଧ୍ୟ ଜୀବିତ ଅଛନ୍ତି । ସେ କାଲି, ଆଜି ଓ ଚିରଦିନ ସମାନ ଅଟନ୍ତି ।

ମୋର ପ୍ରିୟ ପାଠକ, ଅନ୍ୟମାନେ ଆପଣଙ୍କୁ ଚିହ୍ନୁ ନ ଥିବାରୁ ଆପଣ କ'ଣ ଅସ୍ୱସ୍ତି ଅନୁଭବ କରୁଛନ୍ତି ? ଆପଣ କେବେ ନିଜର ନିମ୍ନ ସ୍ଥିତି ଓ ସଂପତ୍ତି ଦେଖି ନିରୁତ୍ସାହିତ ହୋଇଛନ୍ତି ? ଆପଣଙ୍କୁ ଆପଣଙ୍କର ନିଜସ୍ୱ ଲୋକମାନେ ନ୍ୟୁନ ଦୃଷ୍ଟିରେ ଦେଖୁଛନ୍ତି କି ? ଈଶ୍ୱର କହିଛନ୍ତି, ''ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ ନ ହେଉ ... ମୁଁ ତୁମ୍ଭମାନଙ୍କୁ ଅନାଥ କରି ଛାଡ଼ି ଯିବି ନାହିଁ, ମୁଁ ତୁମ୍ଭମାନଙ୍କ ନିକଟକୁ ଆସୁଅଛି'' (ଯୋହନ ୧୪:୧,୧୮) । ତାଙ୍କୁ କେନ୍ଦ୍ରରେ ରଖି ଜୀବନ କାଟନ୍ତୁ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।


**Wanted**

i) Secretaries to the Chief Executive to handle important English Correspondence and administration (Qualification: Graduate with independent capacity to handle correspondence in English and other languages). A good computer operating skill is a must.

ii) DTP Operators with computer skills in English and other languages.

iii) Musicians with technical works in any area.

RNI NO. 70105/98, Postal Regn. No. TN/CH (C)/198/18-20 WPP NO. TN/PMG(CCR)/WPP-265/18-20

## ଆହ୍ବାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–,**

**ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ବାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ବାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ବାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ "ଆହ୍ବାନର ପ୍ରତିଧ୍ୱନି" ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣମାନଙ୍କର ସାହାଯ୍ୟ (**D.D**, ଚେକ୍, ମନିଅର୍ଡର ଦ୍ୱାରା) ନିମ୍ନଲିଖିତ ଠିକଣାରେ ପ୍ରେରଣ କରିପାରିବେ ।

ଦୟାକରି ଆପଣମାନଙ୍କର ଫୋନ ନମ୍ବରଗୁଡ଼ିକୁ ଓ ଇ–ମେଲ ଠିକଣା ପ୍ରେରଣ କରନ୍ତୁ ।

**ECHO OF HIS CALL**
10, Mohammed Abdullah 2nd Street, Chepauk,
Chennai - 600 005, India
PH: (+91-44) 2852 8282, 2852 9293, 2854 7766,
Cell: (+91) 95661 31858 / 98410 71852
E-mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.echoofhiscall.com

**YOU CAN SEND YOUR DONATIONS ON ONLINE ALSO**

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ବାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ଦୁଇଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୫.୦୦, ୭.୦୦ ଓ ସକାଳ ୧୦.୦୦ ।
୧୪. ମାଲାୟାଲାମ୍ ଉପାସନା – ରବିବାର ଅପରାହ୍ନ ୨.୦୦ ଘଟିକା ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୪.୦୦ ।
୧୬. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୭. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୮. ପାଳକମାନଙ୍କର ପରାମର୍ଶ – ରବିବାର ଅପରାହ୍ନ ଘ. ୪.୦୦ ଘଟିକା ।
୧୯. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୦. ମଧ୍ୟ–ସପ୍ତାହ ବାଇବଲ ଅଧ୍ୟୟନ – ବୁଧବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୨. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୩. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୪. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୫. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୬. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୭. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୮. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୯. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୦. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୩୧. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୨. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

**The details of our Bank Accounts are given below. Please inform us the details of your remittances.**

| Bank | Branch | Name | IFSC Code No. | Account Number |
|---|---|---|---|---|
| 1. STATE BANK OF INDIA | Triplicane, Chennai -5 | S. Sam Selva Raj | SBIN 0000249 | 102329 34679 |
| 2. ICICI BANK | Anna Salai, Chennai -2 | Echo of His Call | ICIC 0006038 | 6038 05022319 |

**RNI NO. 70105/98**
**Postal Regn. No. TN/CH/(C)/198/18-20**
**WPP NO. TN/PMG(CCR) / WPP- 265/18-20**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th DECEMBER 2020**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957,**
**Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

To

*GOD BLESS YOU!*

Owned and published by **S. Sam Selva Raj** from No.18, Mohammed Abdullah Street, Chepauk, Chennai-600 005 and printed by him at **Echo of His Call Printers** No. 18, Mohammed Abdullah Street, Chepauk, Chennai-600 005. Editor: **S. Sam Selva Raj.**